## ଜୀବନଜୀବିକା ସଂଗ୍ରାମ: କୁହୁଡ଼ି ଚାଦର, ରାଜପଥ ଶେଯରେ କ୍ଳାନ୍ତ ମିଶନଶକ୍ତି ମା'



(ଫଟୋ: ସନ୍ତୋଷ)

■ ପୋଲାଭରମ୍ ପ୍ରକଳ୍ପ ବିବାଦ

# ତେଲଙ୍ଗାନାର ଲଢ଼େଇ ସଜ; ଓଡ଼ିଶାର ଭାଙ୍ଗୁନି ନିଦ

**ଭୁବନେଶ୍ୱର,୧୩।୨(ସମିସ):** ପୋଲାଭରମ ପ୍ରକଳ୍ପ ଓଡ଼ିଶାର ମାଲକାନଗିରିକୁ ବୁଡାଇ ଦେବ, ଲୋକଙ୍କ ଭିଟାମାଟି ଛଡ଼ା ନେବ ବୋଲି ରାଜନୈତିକ ଦଳ ଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ବାରମ୍ବାର ଗର୍ଜୁଛନ୍ତି; କିନ୍ତୁ ଓଡିଶା ସରକାର ନିରବ ହୋଇ ବସିଥିବା ବେଳେ ନିଜର ରାଜ୍ୟର ଅଳ୍ପ କିଛି କ୍ଷତିଗ୍ରସ୍ତ ହେବାକୁ ଥିବା ଅଞ୍ଚଳକୁ ନେଇ ତେଲେଙ୍ଗାନା ସରକାର ଅଣ୍ଟା ଭିଡ଼ିଛନ୍ତି। ଏହି ପ୍ରକଳ୍ପ ଯୋଗୁଁ ତେଲେଙ୍ଗାନାର କ'ଣ କ୍ଷତି ହେବ ସେ ନେଇ ତୁରନ୍ତ ଏକ ସର୍ଭେ ରିପୋର୍ଟ ପ୍ରସ୍ତୁତ କରିବାକୁ ତେଲେଙ୍ଗାନା ସରକାର ଆଇଆଇଟି ହାଇଦ୍ରାବାଦକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାର ବିପୁଳ କ୍ଷତି ଆଶଙ୍କା ସତ୍ତ୍ୱେ ରାଜ୍ୟ ସରକାରଙ୍କ ନିରବତା ସମସ୍ତଙ୍କୁ ବିସ୍ମିତ କରିଛି। ଏଥିପାଇଁ ବିଜେଡି ସମେତ କଂଗ୍ରେସ ଓ ବାମପନ୍ଥୀ ଦଳର ନେତା ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି ।

ଆନ୍ଧ୍ରର ପୋଲାଭରମ ପ୍ରକଳ୍ପରେ ତେଲଙ୍ଗାନା କମ୍, ଓଡ଼ିଶାର ଅଧିକ କ୍ଷତି ହେବ ବୋଲି ଆରମ୍ଭରୁ କୁହାଯାଉଛି। ପୋଲାଭରମ୍‌ର ପଛୁଆ ପାଣିରେ ମାଲକାନଗିରିର ବହୁ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ସତ୍ତ୍ୱେ ଓଡ଼ିଶା ସରକାରଙ୍କ ନିଦ ଭାଙ୍ଗୁ ନାହିଁ। ଏତେ ବଡ଼ ସମ୍ବେଦନଶୀଳ ପ୍ରସଙ୍ଗରେ ଓଡିଶା ସରକାର ଚୁପ୍ ବସିବାକୁ ସହଜରେ ହଜମ କରିପାରୁ ନାହାନ୍ତି ବିରୋଧୀ। କେନ୍ଦ୍ର ଆଗରେ ରାଜ୍ୟର ସ୍ୱାର୍ଥ ପ୍ରସଙ୍ଗରେ ମୁହଁ ଖୋଲିବାକୁ କାହିଁକି ଡରୁଛନ୍ତି ବୋଲି ବିଜେଡି ପ୍ରଶ୍ନ କରିଛି। ଏହା ଡବଲ ଇଞ୍ଜିନ୍ ସରକାରଙ୍କ ବେପରୱା ମନୋଭାବକୁ ସୂଚାଉଛି ବୋଲି କହିଛି ବିଜେଡି।

ପୋଲାଭରମ ଯୋଗୁଁ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେବ ମାଲକାନଗିରି। କ'ଣ କ୍ଷତି ହେବ ଓ କିପରି ଭରଣା ହେବ ସେ ସମ୍ପର୍କରେ ସରକାର ପୂରା ନୀରବ। ଏହି ପ୍ରସଙ୍ଗକୁ ବିଜେଡି ଜନ ଆନ୍ଦୋଳନ ଆରମ୍ଭ ପାଇଁ ମଧ୍ୟ ଚେତାବନୀ ଦେଇଛି। ମୋଟୁଠାରୁ ଦିଲ୍ଲୀ ଯାଏଁ ଆନ୍ଦୋଳନ କରାଯିବ। ସେହିପରି ପୋଲାଭରମ ପ୍ରସଙ୍ଗରେ ଓଡ଼ିଶାର ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଥିବା 'ଆମ ଜନତା ଅଧିକାର' ମଧ୍ୟ ସରକାରଙ୍କୁ ସମାଲୋଚନା କରିଛି। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ନିଜ ରାଜ୍ୟର କ୍ଷତିକୁ ନେଇ ବ୍ୟସ୍ତ ତା'ହେଲେ ଓଡ଼ିଶାର ଡବଲ ଇଞ୍ଜିନ ସରକାର କାହିଁକି ଚୁପ୍ ବସିଛନ୍ତି? ବିଜେପିର ୨୦ ସାଂସଦ କାହିଁକି ଚୁପ୍ ବୋଲି ପ୍ରଶ୍ନ କରିଛି ସଙ୍ଗଠନ। କଂଗ୍ରେସ ମଧ୍ୟ ପୋଲାଭରମ ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାରଙ୍କ ଆଭିମୁଖ୍ୟକୁ ନେଇ ବର୍ଷିଛି। ତେଲେଙ୍ଗାନାର ରେଭନ୍ତ ରେଡ୍ଡୀ ସରକାର ଯେମିତି ନିଜ ରାଜ୍ୟ ପାଇଁ ଚିନ୍ତିତ ଓଡିଶା ସରକାର ସେମିତି ଚିନ୍ତା କରନ୍ତୁ। ନଚେତ ଆଗାମୀ ଦିନରେ ବିଜେପିକୁ ଏହା ମହଙ୍ଗା ପଡିବ ବୋଲି ଚେତାଇ ଦେଇଛି କଂଗ୍ରେସ। ପୋଲାଭରମ ପ୍ରକଳ୍ପ ପ୍ରସଙ୍ଗକୁ ସିପିଆଇଏମ ହାଇକୋର୍ଟକୁ ନେଇଛି। ଆଗକୁ ମାଲକାନଗିରି ସମେତ ରାଜଧାନୀରେ ବାମପନ୍ଥୀ ଦଳଗୁଡିକର ବଡ଼ ଆନ୍ଦୋଳନକୁ ସମ୍ମୁଖୀନ ହେବାକୁ ବିଜେପି ସରକାର ପ୍ରସ୍ତୁତ ରୁହନ୍ତୁ ବୋଲି ଚେତାଇ ଦିଆଯାଇଛି। ସେପଟେ ଓଡ଼ିଆ ଅସ୍ମିତା ପରିଷଦ ମଧ୍ୟ ଓଡିଶା ସରକାରଙ୍କ ନିରବତାକୁ କଡା ନିନ୍ଦା କରିଛି।

## ବ୍ୟକ୍ତିଗତ ସଚିବଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜୁଏଲଙ୍କ ସୁପାରିଶ

**ଭୁବନେଶ୍ୱର, ୧୩।୨ (ସମିସ):** ନିଜ ବ୍ୟକ୍ତିଗତ ସଚିବଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ମୁଖ୍ୟ ସଚିବଙ୍କୁ ସୁପାରିଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ। ନିଜ ପତ୍ରରେ ଶ୍ରୀ ଓରାମ ଦର୍ଶାଇଛନ୍ତି ଯେ ତାଙ୍କ ବ୍ୟକ୍ତିଗତ ସଚିବ ପରାଗ ହର୍ଷଦ ଗାଭଲୀ ବିନା ଅନୁମତିରେ ଗତ ୨୩ ତାରିଖରୁ କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି। ତାଙ୍କର ଏହି ଅନୁପସ୍ଥିତି କାର୍ଯ୍ୟ ସମ୍ପାଦନାରେ ଗୁରୁତର ବାଧା ସୃଷ୍ଟି କରୁଛି। ଏଥିପାଇଁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କେନ୍ଦ୍ରମନ୍ତ୍ରୀ ଦର୍ଶାଇଛନ୍ତି।

## ଯୋଜନା ଓ ସଂଯୋଜନ ବିଭାଗ ଏବଂ ଟିସିଏଫ୍ ମଧ୍ୟରେ ବୁଝାମଣାପତ୍ର

**ଭୁବନେଶ୍ୱର, ୧୩।୨(ସମିସ):** ଓଡ଼ିଶା ସରକାରଙ୍କ 'ଯୋଜନା ଓ ସଂଯୋଜନ ବିଭାଗ' ଏବଂ 'ଦି କନଭରଜେନ୍ସ ଫାଉଣ୍ଡେସନ୍ (ଟିସିଏଫ୍)', ମୁଖ୍ୟାଳୟ-ନୂଆଦିଲ୍ଲୀ ମଧ୍ୟରେ କର୍ମନିଯୁକ୍ତି ଏବଂ ଉତ୍ପାଦନକ୍ଷମ ରୋଜଗାର ସୃଷ୍ଟି ସଂପର୍କିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ଆଜି ଲୋକସେବା ଭବନରେ ସ୍ୱାକ୍ଷରିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଟିସିଏଫ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ ଧାୱନଙ୍କ ମଧ୍ୟରେ ଏହି ଏମଓୟୁ ସ୍ୱାକ୍ଷରିତ ହେବା ସହ ଏହି ସହଯୋଗକୁ ଆନୁଷ୍ଠାନିକ ରୂପ ଦିଆଯାଇଛି। ଏହି ବୁଝାମଣାପତ୍ର ଦ୍ୱାରା ଓଡ଼ିଶା ସରକାରଙ୍କ ରହିଥିବା ବିଭିନ୍ନ ବିକାଶମୂଳକ ନୀତି ଏବଂ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଦିଗରେ ରଣନୈତିକ ସହାୟତା ଉପଲବ୍ଧ ହେବ। ଯାହା ରାଜ୍ୟର ଉତ୍ପାଦନକ୍ଷମ ନିଯୁକ୍ତି ସୃଷ୍ଟି ଆଭିମୁଖ୍ୟକୁ ଫଳପ୍ରସୂ କରିବ। ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି, କୃଷି ଉତ୍ପାଦକତା ଓ ଜୀବିକା ବୃଦ୍ଧି, ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ବିକଶିତ କରିବା, ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ରାଜ୍ୟର କୁଶଳୀ ପ୍ରତିଭାମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ସହ ରାଜ୍ୟ ଏବଂ ରାଜ୍ୟ ବାହାରେ କର୍ମନିଯୁକ୍ତି ସୃଷ୍ଟି ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହେବ।

## ରାଜ୍ୟପାଳଙ୍କ ଅଭିଭାଷଣ ଦିଶାହୀନ, ଅପରିପକ୍ୱ: ରଣେନ୍ଦ୍ର

**ଭୁବନେଶ୍ୱର,୧୩।୨(ସମିସ):** ଆଜି ବିଧାନସଭାରେ ରାଜ୍ୟପାଳ ରଖିଥିବା ଅଭିଭାଷଣ ନୈରାଶ୍ୟଜନକ, ଅପରିପକ୍ୱ, ଦିଶାହୀନ, ଦୂରଦୃଷ୍ଟିବିହୀନ। ଏଥିରେ କିଛି ନୂତନତ୍ୱ ନାହିଁ। ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଜି ଏପରି କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଆଜି ବିଧାନସଭାର ବଜେଟ୍ ଅଧିବେଶନର ପ୍ରଥମ ଦିବସରେ ରାଜ୍ୟପାଳ ଅଭିଭାଷଣ ଦେଇଥିଲେ। କିନ୍ତୁ, ଏହି ଅଭିଭାଷଣ ଶୁଣିଲା ବେଳେ ମୁଁ ଜାଣିପାରୁ ନଥିଲି ଯେ ସେ ବଜେଟ ଅଧିବେଶନ ପାଇଁ ଅଭିଭାଷଣ ରଖୁଛନ୍ତି ନା ଗତ ଜୁଲାଇ ୨୫ତାରିଖର ମୁଖ୍ୟମନ୍ତ୍ରୀ ଆଗତ କରିଥିବା ବଜେଟକୁ ପୁନର୍ବାର ପଢୁଛନ୍ତି। ଦୀର୍ଘ ଏକ ଘଣ୍ଟାରୁ ଅଧିକ ସମୟ ଧରି ପ୍ରଦାନ କରିଥିବା ଅଭିଭାଷଣରେ କିଛି ନୂତନତ୍ୱ ନାହିଁ। କେବଳ ୨୦୨୪-୨୫ ଆର୍ଥିକ ବର୍ଷ ବଜେଟ୍‌ର ମୁଖ୍ୟାଂଶକୁ ବିଧାନସଭାରେ ପୁନର୍ବାର ଆଉ ଗୋଟିଏ ଭାଷାରେ ଉପସ୍ଥାପନ କରିଦେଲେ। ଶ୍ରୀ ସ୍ୱାଇଁ ଆହୁରି କହିଛନ୍ତି, ଓଡିଶାର ସ୍ୱାର୍ଥ ରକ୍ଷା ପାଇଁ ବିଭିନ୍ନ ଆହ୍ୱାନ ଯେପରିକି କେନ୍ଦ୍ରୀୟ ଅବହେଳା, ପୋଲାଭରାମ, ମହାନଦୀ ଜଳବିବାଦ, ରେଳ ବଜେଟରେ ଆଖି ଦୃଶିଆ ଅନୁଦାନ ନ ମିଳିବା ବିଷୟରେ ପଦୁଟିଏ ବି ଉଲ୍ଲେଖ ନାହିଁ। ସେହିପରି ଓଡିଶାକୁ ବିଶେଷ ରାଜ୍ୟର ମାନ୍ୟତା କିମ୍ବା କୌଣସି ସ୍ୱତନ୍ତ୍ର ଅନୁଦାନ ନ ମିଳିବା ନେଇ ମଧ୍ୟ କିଛି କହିଲେ ନାହିଁ। ବର୍ଦ୍ଧିତ କୋଇଲା ରୟାଲ୍ଟି ବିଷୟରେ ରାଜ୍ୟପାଳଙ୍କ ଅଭିଭାଷଣ ସଂପୂର୍ଣ୍ଣ ନିରବ। ପରମ୍ପରା ଭାବେ ରାଜ୍ୟପାଳଙ୍କ ଅଭିଭାଷଣ ଆଗାମୀ ଆର୍ଥିକ ବର୍ଷ ପାଇଁ ସରକାରଙ୍କ ଦୂରଦୃଷ୍ଟି, ଯୋଜନା, ସରକାରଙ୍କ କାର୍ଯ୍ୟକ୍ରମର ରୂପରେଖ, ରାଜ୍ୟ ବିକାଶର ରଣନୀତି ବିଷୟରେ ଉଲ୍ଲେଖ ଥାଏ। କିନ୍ତୁ, ଏହା ଉପରେ ଏ ଅଭିଭାଷଣ ସଂପୂର୍ଣ୍ଣ ଭାବେ ନିରବ।

■ ବାରବାଟୀ ବିବାଦକୁ ନେଇ ବର୍ଷିଲେ ଦେବାଶିଷ

## ଷ୍ଟାଡିୟମ୍‌ରେ ଖେଳ ନାହିଁ; ବେପାର ଚାଲିଛି

**କଟକ, ୧୩।୨(ସମିସ):** ଐତିହାସିକ ବାରବାଟୀ ଷ୍ଟାଡିୟମକୁ ତିଆରି କରିବାରେ ଯୁଗ ବିତିଯାଇଛି। ଅନେକ ଦକ୍ଷ ପ୍ରଶାସକ, କ୍ରୀଡ଼ା ସଙ୍ଗଠକଙ୍କ ପରିଶ୍ରମରେ ବାରବାଟୀ ସମ୍ମାନର ସହ ମୁଣ୍ଡ ଟେକି ଛିଡ଼ା ହୋଇଛି। ହେଲେ ଅବହେଳା ଯୋଗୁଁ ରାଜ୍ୟର ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ର ମର୍ଯ୍ୟାଦା ହାନି ହେଲା। ଏଥିପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଏବଂ ରାଜ୍ୟ ସରକାର ଉଭୟ ସମାନ ପରିମାଣରେ ଦାୟୀ। ଅନ୍ତର୍ଜାତୀୟ ଖେଳ କେମିତି ପରିଚାଳନା ହୁଏ, ତାହା ପୂର୍ବ ସରକାରଠାରୁ ଶିଖିବା ଦରକାର। ନବୀନ ସରକାର ଅମଳରେ ଟିକଟ କଳାବଜାର କରିବାକୁ ଭୟ ରହୁଥିଲା। ଏଥର ଖୁଲମଖୁଲା କଳାବଜାର ହେଲା। ଷ୍ଟାଡିୟମ୍‌ରେ ଆଉ ଖେଳ ହେଉନାହିଁ, ଭୋଜିଭାତର ଆସର ଜମୁଛି। କେବଳ ବେପାର ଚାଲିଛି ବୋଲି କହିଛନ୍ତି ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ। ଭାରତ-ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ଫ୍ଲଡ ଲାଇଟ୍ ବନ୍ଦ ହୋଇ ମ୍ୟାଚ୍ ବାଧାପ୍ରାପ୍ତ ହେବା ଘଟଣାରେ ଓସିଏ ଏବଂ ରାଜ୍ୟ ସରକାରଙ୍କ ଉପରେ ଦେବାଶିଷ ବର୍ଷିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାର ସ୍ୱାଭିମାନକୁ ରକ୍ଷା କରିବା ଆବଶ୍ୟକ। ଆଗାମୀ ଦିନରେ ଓସିଏ ନିର୍ବାଚନ ହେବ। ଭଲ କ୍ରୀଡ଼ା ସଙ୍ଗଠକ ଦାୟିତ୍ୱ ସମ୍ଭାଳନ୍ତୁ ବୋଲି ଦେବାଶିଷ କହିଥିଲେ।

## ଆଜି ରାଜ୍ୟ ବିଜେପି କୋର୍ କମିଟି ବୈଠକ

**ଭୁବନେଶ୍ୱର, ୧୩।୨(ସମିସ):** ଆସନ୍ତାକାଲି ଦିନ ପ୍ରାୟ ୧୧ଟା ବେଳେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜେପି କୋର୍ କମିଟି ବୈଠକ ଅନୁଷ୍ଠିତ ହେବ। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ବିଜେପି ଓଡ଼ିଶା ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ସମେତ କୋର୍ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିବେ। ବୈଠକରେ ରାଜ୍ୟର ସାଂଗଠନିକ ନିର୍ବାଚନର ସ୍ଥିତିକୁ ନେଇ ଆଲୋଚନା ହେବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଚଳିତ ମାସ ପ୍ରଥମ ସପ୍ତାହରେ ବଳକା ୧୪ ସାଂଗଠନିକ ଜିଲ୍ଲା ସଭାପତି ଚୟନ ସହ ରାଜ୍ୟ ସଭାପତି ନିଯୁକ୍ତି ପ୍ରକ୍ରିୟା ସାରିବାକୁ ଦଳ ଲକ୍ଷ୍ୟ ରହିଥିଲା। ଏହା ପୂର୍ବରୁ ନିର୍ବାଚନ ସାରିବାକୁ ଦଳ ଏକାଧିକ ଡେଡଲାଇନ୍ ଧାର୍ଯ୍ୟ କରିଥିଲେ ହେଁ ଏଥିରେ ବିଫଳ ହୋଇଥିଲା। ତେବେ ଫେବୃଆରୀ ପ୍ରଥମ ସପ୍ତାହରେ ସମସ୍ତ ନିର୍ବାଚନ ପ୍ରକ୍ରିୟା ସରିବ ବୋଲି ଦଳର ରାଜ୍ୟ ନିର୍ବାଚନ ସହ-ପ୍ରଭାରୀ ତଥା କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ତେବେ ପୂର୍ବ ତାରିଖଗୁଡ଼ିକ ପରି ପ୍ରଥମ ସପ୍ତାହ ଅତିକ୍ରାନ୍ତ କରିଥିଲେ ହେଁ ଏଯାବତ୍ ନିର୍ବାଚନ ପ୍ରକ୍ରିୟା ସରିଲା ନାହିଁ। ଯାହାକୁ ନେଇ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚା ଆଲୋଚନା ହେଉଛି।

## ରଣେନ୍ଦ୍ରଙ୍କ ଉପରେ ଆକ୍ରମଣ ବିଜେପି ପ୍ରାୟୋଜିତ: ପ୍ରତାପ

**ଭୁବନେଶ୍ୱର,୧୩।୨(ସମିସ):** ଓଡିଶାରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଆଇନ୍ ଶୃଙ୍ଖଳା ସ୍ଥିତି ରସାତଳଗାମୀ ହେଲାଣି। କଡ଼ ସୁରକ୍ଷା ବଳୟ ଭିତରେ ଥିବା ରାଜଧାନୀରେ ଦି ଦିପହରେ ମୁଣ୍ଡ ଗଡୁଛି ତ ଆଉ କେଉଁଠି ଦଳିତ, ଆଦିବାସୀ ମହିଳାଙ୍କ ଉପରେ ଅତ୍ୟାଚାର ହେଉଛି। ଏଠି ବିଧାୟକ ବି ସୁରକ୍ଷିତ ନୁହଁନ୍ତି। ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ୮ ଥରର ନିର୍ବାଚିତ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପରେ ଗତକାଲି ହୋଇଥିବା ଆକ୍ରମଣ ବିଜେପିର ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ ଥିଲା। ଆଠ ଥର ନିର୍ବାଚିତ ଓ ଚଳିତ ବିଧାନସଭାର ପ୍ରୋଟେମ୍ ବାଚସ୍ପତି ଦାୟିତ୍ୱ ତୁଲାଇଥିବା ଶ୍ରୀ ସ୍ୱାଇଁଙ୍କ ଉପରେ ଏକ ପ୍ରାୟୋଜିତ ଆକ୍ରମଣ କରାଇବା ବିଜେପିର ରୁଗ୍‌ଣ ମାନସିକତାକୁ ଦର୍ଶାଇବା ସହ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ବରିଷ୍ଠ ମିଡ଼ିଆ ସଂଯୋଜକ ପ୍ରତାପ ଜେନା କହିଛନ୍ତି।



ଆଜି ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜେନା କହିଥିଲେ, ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି। ରାଜ୍ୟରେ ହତ୍ୟା, ଦୁଷ୍କର୍ମ, ଗଣ ଦୁଷ୍କର୍ମ, ଚୋରି ଓ ରାହାଜାନି ଭଳି ଘଟଣା ବୃଦ୍ଧି ଘଟିଛି। ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ବିଜେପି କର୍ମୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେବା ପାଇଁ ସରକାରଙ୍କ ତରଫରୁ ପୁଲିସ ଉପରେ ଚାପ ପଡୁଛି, ଯେଉଁ କାରଣରୁ ପୋଲିସ ସ୍ୱାଧୀନ ଭାବେ କାର୍ଯ୍ୟ କରି ପାରୁ ନାହାନ୍ତି। ତିଗିରିଆ ବ୍ଲକର ପଞ୍ଚାୟତ ସମିତି ବୈଠକରେ ଯୋଗ ଦେଇ ଆଠଗଡ଼ର ବିଧାୟକ ଶ୍ରୀ ସ୍ୱାଇଁ ଫେରୁଥିବା ସମୟରେ ତାଙ୍କ ଉପରେ ଆକ୍ରମଣ ହୋଇଛି। ଜଣେ ବରିଷ୍ଠ ବିଧାୟକଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସରକାର ବିଫଳ ହୋଇଛନ୍ତି। ଏହି ଘଟଣାକୁ ବିଜୁ ଜନତା ଦଳ ଦୃଢ଼ ନିନ୍ଦା କରୁଛି। ରାଜ୍ୟର ଗୃହ ବିଭାଗ ଦାୟିତ୍ୱ ନେଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ବିଷୟରେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରୁଛି ବୋଲି ପ୍ରତାପ କହିଛନ୍ତି। ଅନୁରୂପ ଭାବରେ ଜଣେ ବିଧାୟକଙ୍କ ଉପରେ ହୋଇଥିବା ଆକ୍ରମଣ ଉପରେ ବିଧାନସଭାର ଅଧ୍ୟକ୍ଷ ତଥା ବାଚସ୍ପତି ମଧ୍ୟ ଉପଯୁକ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଶ୍ରୀ ଜେନା ଦାବି କରିବା ସହ ଖୁଣ୍ଟୁଣୀ ପଞ୍ଚାୟତ କାର୍ଯ୍ୟାଳୟରେ ପିଇଓଙ୍କ ଉପରେ ବିଜେପି କର୍ମୀଙ୍କ ଆକ୍ରମଣକୁ ନିନ୍ଦା କରିଛନ୍ତି ।

### ରାଜ୍ୟସଭାରେ ଓଡ଼ିଶାର ସ୍ୱର

## ପରିବେଶ ମଞ୍ଜୁରୀ ଅପେକ୍ଷାରେ ଓଡ଼ିଶାର ୧୭ ଶିଳ୍ପ ପ୍ରକଳ୍ପ

### ଉଦ୍‌ବେଗ ପ୍ରକାଶ କଲେ ସାଂସଦ ମାନସ

**ଭୁବନେଶ୍ୱର,୧୩।୨(ସମିସ):** ଓଡ଼ିଶାରେ ଶିଳ୍ପ ସ୍ଥାପନ ପାଇଁ କେନ୍ଦ୍ର ସରକାର ପରିବେଶ ମଞ୍ଜୁରୀ ପ୍ରଦାନରେ ବିଳମ୍ବକୁ ନେଇ ରାଜ୍ୟସଭାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ସାଂସଦ ମାନସ ରଞ୍ଜନ ମଙ୍ଗରାଜ । ରାଜ୍ୟରେ କେତେ ଶିଳ୍ପ ପ୍ରକଳ୍ପ ପରିବେଶ ମଞ୍ଜୁରୀ ଅପେକ୍ଷାରେ ରହିଛି? ମଞ୍ଜୁରୀ ମିଳିବାରେ ବିଳମ୍ବର କାରଣ ଓ ପ୍ରକଳ୍ପଗୁଡ଼ିକର ବର୍ତ୍ତମାନର ସ୍ଥିତି ଆଦି ସମ୍ପର୍କରେ କେନ୍ଦ୍ର ସରକାରଙ୍କଠାରୁ ସେ ଉତ୍ତର ଲୋଡ଼ିଛନ୍ତି । ଏହା ସହ ଅନୁମୋଦନ ଅପେକ୍ଷାରେ ଥିବା ପ୍ରକଳ୍ପ ସମ୍ପର୍କରେ ସବିଶେଷ ତଥ୍ୟ ସହ ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବାକୁ ପରିବେଶ ମଞ୍ଜୁରୀ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ନେଇ କେନ୍ଦ୍ର ସରକାର ଗ୍ରହଣ କରୁଥିବା ପଦକ୍ଷେପ ସମ୍ପର୍କରେ ସେ ପ୍ରଶ୍ନ କରିଛନ୍ତି ।

ଶ୍ରୀ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ରାଷ୍ଟ୍ରମନ୍ତ୍ରୀ କିର୍ତ୍ତୀବର୍ଦ୍ଧନ ସିଂ ରାଜ୍ୟର ୧୭ଟି ପ୍ରକଳ୍ପ ମଞ୍ଜୁରୀ ଅପେକ୍ଷାରେ ରହିଥିବା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ସମସ୍ତ ଶିଳ୍ପ ପ୍ରକଳ୍ପର ପରିବେଶ ମଞ୍ଜୁରୀ ପ୍ରସ୍ତାବକୁ ଏକ୍ସପର୍ଟ ଆପ୍ରାଇଜାଲ କମିଟି କିମ୍ବା ରାଜ୍ୟସ୍ତରୀୟ ଏକ୍ସପର୍ଟ ଆପ୍ରାଇଜାଲ କମିଟି ଅନୁଧ୍ୟାନ କରିଥାନ୍ତି। ଏକ୍ସପର୍ଟ ଆପ୍ରାଇଜାଲ କମିଟିର ସୁପାରିଶ ଆଧାରରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ କିମ୍ବା ରାଜ୍ୟ ପରିବେଶ ଇମ୍ପାକ୍ଟ ଆସେସମେଣ୍ଟ ଅଥରିଟି ନିଷ୍ପତ୍ତି ନେଇଥାଆନ୍ତି। ଚଳିତବର୍ଷ ଫେବୃଆରୀ ୧୦ ତାରିଖ ସୁଦ୍ଧା ପରିବେଶ ମନ୍ତ୍ରଣାଳୟ ନିକଟରେ ୫ ଟି ଏବଂ ରାଜ୍ୟ ପରିବେଶ ଇମ୍ପାକ୍ଟ ଆସେସମେଣ୍ଟ ଅଥରିଟି ନିକଟରେ ୧୨ଟି ଶିଳ୍ପ ପ୍ରକଳ୍ପର ପରିବେଶ ମଞ୍ଜୁରୀ ବିଚାରଧୀନ ରହିଛି। ଅନ୍ୟପଟେ ପରିବେଶଗତ ମଞ୍ଜୁରୀ ପ୍ରଦାନ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ମନ୍ତ୍ରଣାଳୟ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଅନେକ ବ୍ୟବସ୍ଥାଗତ ସଂସ୍କାର ଗ୍ରହଣ କରିଛି ବୋଲି ମନ୍ତ୍ରୀ କହିଛନ୍ତି। ବିଶେଷ କରି ପରିବେଶ ପୋର୍ଟାଲକୁ ଅପଗ୍ରେଡ୍ କରି ଏକ ସିଙ୍ଗଲ୍ ୱିଣ୍ଡୋ ପୋର୍ଟାଲ ବ୍ୟବସ୍ଥା କରାଯାଇଛି। ଏଥିରେ ପ୍ରକଳ୍ପ ମଞ୍ଜୁରି ପ୍ରକ୍ରିୟା ଅନଲାଇନ୍ ମାଧ୍ୟମରେ ସମାଧାନର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।

## ପ୍ରତାରିତ ଓଡ଼ିଶାକୁ ମିଳୁ ନ୍ୟାୟୋଚିତ ଅଧିକାର: ସସ୍ମିତ

**ଭୁବନେଶ୍ୱର,୧୩।୨(ସମିସ):** ଓଡିଶା ପ୍ରତି ଅବହେଳା, ସାଢ଼େ ଚାରି କୋଟି ଓଡି÷ଆଙ୍କ ପ୍ରତି ଅପମାନ। ତେଣୁ ବାରମ୍ବାର ଓଡ଼ିଶାକୁ ପ୍ରତାରିତ କରିଥିବା କେନ୍ଦ୍ର ସରକାର ନ୍ୟାୟୋଚିତ ଅଧିକାର ପ୍ରଦାନ କରନ୍ତୁ ବୋଲି କହିଛନ୍ତି ବିଜେଡି ସାଂସଦ ସସ୍ମିତ ପାତ୍ର। ଆଜି ରାଜ୍ୟସଭାରେ ବଜେଟ୍ ସଂକ୍ରାନ୍ତ ଆଲୋଚନା ବେଳେ ସେ କହିଛନ୍ତି ଯେ ୨୦୧୪ ନିର୍ବାଚନରେ ଓଡିଶା ବିଜେପି ନିଜର ଇସ୍ତାହାରରେ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ଏତେ ବର୍ଷ ପରେ ସେହି ପ୍ରତିଶ୍ରୁତି ପାଳନ କରାଯାଇ ନାହିଁ। ଗତ ଦୁଇ ଦଶନ୍ଧି ହେଲା ବିଜୁ ଜନତା ଦଳ ଏବଂ ଏହାର ସଭାପତି ନବୀନ ପଟ୍ଟନାୟକ କ୍ରମାଗତ ଭାବେ ଏହି ଦାବି ଉପସ୍ଥାପନ କରି ଆସୁଛନ୍ତି। ସାଢ଼େ ଚାରି କୋଟି ଓଡିଶାବାସୀ ସ୍ୱତନ୍ତ୍ର ରାଜ୍ୟ ପାହ୍ୟାକୁ ଚାହିଁ ବସିଥିଲେ ସୁଦ୍ଧା ଏହି ବଜେଟରେ ଏହା ସ୍ଥାନ ପାଇ ପାରିଲା ନାହିଁ। ଜାତୀୟ ଅର୍ଥନୀତିରେ ଓଡିଶା ହେଉଛି ମେରୁଦଣ୍ଡ ସଦୃଶ। ଆମର କୋଇଲା, ଲୁହା ପଥର, ଖଣିଜ ସମ୍ପଦ ଦେଶର ବିକାଶ ପାଇଁ ଇନ୍ଧନ ଯୋଗାଉଛି। ମାତ୍ର ଓଡିଶା ଯେତେବେଳେ ନିଜର ନାର୍ଯ୍ୟ ଅଧିକାର ମାଗୁଛି, ସରକାର ଆଖି କାନ ବନ୍ଦ କରି ଦେଉଛନ୍ତି। ବର୍ଷ ବର୍ଷ ଧରି ଓଡିଶା ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରି ଆସୁଛି; କିନ୍ତୁ ଦିଲ୍ଲୀ ଦରବାରକୁ ଆମ କଷ୍ଟ ଦେଖାଯାଉନି। ଏହି ବଜେଟ କିଛି ରାଜ୍ୟ ଉପରେ ଧନ ଅଜାଡି ଦେଇଥିବା ବେଳେ ଓଡିଶାକୁ ସାବତ ପୁଅ ଭଳି ବ୍ୟବହାର କରାଯାଇଛି। ଓଡିଶା କ'ଣ କେବଳ ଖଣି ପାଣି ନେବା ପାଇଁ ଉଦ୍ଦିଷ୍ଟ, ସ୍ୱତନ୍ତ୍ର ରାଜ୍ୟ ପାଇବା ପାଇଁ ହକ୍‌ଦାର ନୁହେଁ? ଓଡିଶାକୁ ପୁରସ୍କୃତ କରିବା ବଦଳରେ ଉପେକ୍ଷା କରାଯାଉଛି। କେନ୍ଦ୍ର ସରକାର ନିଜ ଦାୟିତ୍ୱରୁ ହଟି ପାରିବେ ନାହିଁ। ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବା ପାଇଁ ଏହା ପ୍ରକୃଷ୍ଟ ସମୟ ଓ ଏଥିପାଇଁ କେନ୍ଦ୍ର ସରକାର ନ୍ୟାୟୋଚିତ ନିଷ୍ପତ୍ତି ଗ୍ରହଣ କରନ୍ତୁ ବୋଲି ଡ଼ ପାତ୍ର କହିଛନ୍ତି।

## ମାର୍ଚ୍ଚ ୮ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

**ଭୁବନେଶ୍ୱର,୧୩।୨(ସମିସ):** ଆସନ୍ତା ମାର୍ଚ୍ଚ ୮ରେ ଭୁବନେଶ୍ୱର, ଖୋର୍ଦ୍ଧା, ଜଟଣୀ, ବାଣପୁର, ଚିଲିକା, ଟାଙ୍ଗୀ ଓ ବେଗୁନିଆ ଅଦାଲତ ପରିସରରେ ୨୦୨୫ର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଫୌଜଦାରୀ, ଚେକ୍ ବାଉନ୍ସ, ବ୍ୟାଙ୍କ୍ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ, ବୈବାହିକ ବିବାହ, ଜମି ଅଧିଗ୍ରହଣ, ଜମି ଅଧିକରଣ, ଚାକିରି ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ଏହାସହ ପ୍ରାକ୍ ମକଦ୍ଦମାସ୍ତରୀୟ ମାମଲା ତଥା ବ୍ୟାଙ୍କ୍ ଋଣ ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ମକଦ୍ଦମା ଇତ୍ୟାଦିର ଆପୋଷ ସମାଧାନ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭୁବନେଶ୍ୱର ଏବଂ ତାଲୁକ ଆଇନ ସେବା କମିଟି ଖୋର୍ଦ୍ଧା, ଜଟଣୀ, ବାଣପୁର, ଚିଲିକା, ବେଗୁନିଆ ଓ ଗ୍ରାମ ନ୍ୟାୟାଳୟ ଟାଙ୍ଗୀ ସହିତ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି।

## ଆସିବ ନୂଆ ଅବକାରୀ ନୀତି

### ବିଷାକ୍ତ ମଦ ବେପାରୀଙ୍କ ପାଇଁ କଡ଼ା ଦଣ୍ଡବିଧାନ ବ୍ୟବସ୍ଥା, ବଢ଼ିବ ଟିକସ

**ଭୁବନେଶ୍ୱର,୧୩।୨(ସମିସ):** ଶୀଘ୍ର ରାଜ୍ୟରେ ଲାଗୁ ହେବ ନୂଆ ଅବକାରୀ ନୀତି ୨୦୨୫-୨୬। ଏଥିରେ ଚୋରା ଓ ବିଷାକ୍ତ ମଦ କାରବାର କରୁଥିବା ଲୋକଙ୍କ ପାଇଁ କଠୋର ଦଣ୍ଡବିଧାନ ବ୍ୟବସ୍ଥା ରହିବ। ଏଥିସହ ଦେଶୀ ଓ ବିଦେଶୀ ମଦ ପ୍ରସ୍ତୁତି ଓ ବିକ୍ରି ମୂଲ୍ୟ ନିର୍ଦ୍ଧାରଣ, ଟିକସ ଢାଞ୍ଚାର ନବୀକରଣ, ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା, ସଡ଼କ ସୁରକ୍ଷା, ହୋଟେଲ ଶିଳ୍ପ, ବେଆଇନ ମଦ କାରବାରରୁ ଦୂରେଇ ରଖିବା ନିମନ୍ତେ ନୂଆ ଜୀବନଜୀବିକା ସୃଷ୍ଟି ପାଇଁ ପ୍ରାବଧାନ ରହିବ। ନୂଆ ଅବକାରୀ ନୀତିକୁ ନେଇ ଏକ ପ୍ରସ୍ତୁତି ବୈଠକ ଅବକାରୀ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁହାଯାଇଛି ଯେ ରାଜ୍ୟ ସରକାର ସବୁବେଳେ ସାଧାରଣ ଲୋକଙ୍କ ଜୀବନ ଓ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁ କିମ୍ବା ଅସୁସ୍ଥତାକୁ ସରକାର କୌଣସି ପରିସ୍ଥିତିରେ ଗ୍ରହଣ କରିପାରିବେ ନାହିଁ। ଏହିଭଳି ବେଆଇନ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିମାନଙ୍କୁ କଡ଼ା ଦଣ୍ଡବିଧାନ ରାଜ୍ୟ ସରକାରଙ୍କ ପ୍ରାଥମିକତା ରହିଛି।

ଆଜିର ବୈଠକରେ ଅନ୍ତର୍ଜାତୀୟ ସ୍ପିରିଟ ଆଣ୍ଡ ୱାଇନ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ପ୍ରତିନିଧି ମଣ୍ଡଳୀ, ମଦ ପ୍ରସ୍ତୁତି ସଂଘର ସିଇଓ, ବିଦେଶୀ ମଦ ବିକ୍ରୟ ସଂଘର ପ୍ରତିନିଧି, ହୋଟେଲ ଓ ରେସ୍ତୋରାଁ ସଂଘର କର୍ମକର୍ତ୍ତା, ଦେଶୀ ମଦ ଦୋକାନୀ, ଇଥାନଲ ଓ ମିଥାନଲ୍ ପ୍ରସ୍ତୁତକାରୀଙ୍କ ସମେତ ପଞ୍ଚାୟତିରାଜ, ଶିଳ୍ପ, ପର୍ଯ୍ୟଟନ, ଉଦ୍ୟାନ କୃଷି ଏବଂ ଅର୍ଥ ବିଭାଗର ନୋଡ଼ାଲ ଅଧିକାରୀମାନଙ୍କୁ ନେଇ ବିଭିନ୍ନ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକ ସଶକ୍ତ ଇକୋ-ସିଷ୍ଟମ୍ ବିକଶିତ କରି ଦାୟିତ୍ୱପୂର୍ଣ୍ଣ ମଦ୍ୟପାନକୁ ଗୁରୁତ୍ୱ ଦିଆଯିବା, ସମସ୍ତଙ୍କ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ, ରାଜସ୍ୱହାନୀ ହ୍ରାସ ନେଇ ବୈଠକରେ ଅଂଶୀଦାରମାନଙ୍କ ସମ୍ଭାବ୍ୟ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଅବକାରୀ କମିଶନର ନରସିଂହ ଭୋଳ, ଓଏସ୍‌ବିସି ଏମ୍‌ଡି ଅମ୍ବର କର, ସିଜିଏମ୍ ମାନସ ସ୍ୱାଇଁ, ଜିଏମ୍ ସଞ୍ଜୟ ରାଉତଙ୍କ ସମେତ ବିଭିନ୍ନ ବିଭାଗର ନୋଡାଲ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବଦଳିଲେ ୮୯ ଓଆର୍‌ଏସ୍ ଅଧିକାରୀ

**ଭୁବନେଶ୍ୱର,୧୩।୨(ସମିସ):** ରାଜ୍ୟ ସରକାର ଆଜି ଏକ ସଙ୍ଗରେ ୮୯ ଜଣ ଓଡିଶା ରାଜସ୍ୱ ସେବା (ଓଆରଏସ୍) ଅଧିକାରୀଙ୍କ ବଦଳି ଆଦେଶ ଦେଇଛନ୍ତି। ବଦଳି ହୋଇଥିବା ଅଧିକାରୀମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର, ସହକାରୀ ଜିଲ୍ଲାପାଳ, ସବ୍ ରେଜିଷ୍ଟ୍ରାର, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ପ୍ରମୁଖ ଅନ୍ତର୍ଭୁକ୍ତ। ବିଜ୍ଞପ୍ତି ଅନୁସାରେ ଜଟଣୀ, ଆଠଗଡ଼, ଆସ୍କା, ମାର୍ଶାଘାଇ, କଟକ ସଦର, କୁଜଙ୍ଗ, ପୁରୁଁତଳା, ଉମରକୋଟ, ଜୟପୁର, ଢେଙ୍କାନାଳ, ଅତାବିରା, କୋଇଡା, ବଲାଙ୍ଗିର, ଗୋପ, କାମାକ୍ଷାନଗର, ସିମୁଳିଆ, ବନ୍ତ, ଧର୍ମଗଡ଼ ଆଦିର ଅତିରିକ୍ତ ତହସିଲଦାରଙ୍କୁ ବଦଳି କରାଯାଇଛି। ସେହିପରି ଅନୁଗୁଳ, ପାଟଣାଗଡ଼, କାମାକ୍ଷାନଗର, ମାଲକାନଗିରି, ଗଞ୍ଜାମ, ବାରିପଦା, କନ୍ଧମାଳ, ନିଳଗିରି, କୋର୍ଦ୍ଧା, କଟକ, ନବରଙ୍ଗପୁର, ଜୟପୁରରେ କାର୍ଯ୍ୟରତ ସହକାରୀ ଜିଲ୍ଲାପାଳଙ୍କୁ ବଦଳି କରାଯାଇଛି।







# ହାଇପ୍ରୋଫାଇଲ୍ ଚୋର ସ୍ପାଇଡର ଶକ୍ତି ଗିରଫ




ଭୁବନେଶ୍ୱର, ୧୩।୨(ସମିସ): ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ମାମଲାରେ କମିସନରେଟ୍ ପୁଲିସକୁ ସଫଳତା ମିଳିଛି। ଚୋରି କରିଥିବା ଅଭିଯୁକ୍ତ ସ୍ପାଇଡର ଶକ୍ତି ଓରଫ ଶକ୍ତି ରେଡ୍ଡୀକୁ ଗିରଫ କରିଛି। ତାଙ୍କ ନିକଟରୁ ଗୋଟିଏ କାର୍, ଚୋରି ସୁନା ଏବଂ ହୀରା ଅଳଙ୍କାର, ମୋବାଇଲ୍ ଫୋନ୍, ୭ ଲକ୍ଷ ନଗଦ ଟଙ୍କା, ମୁଖା, ଟର୍ଚ୍ଚ ଲାଇଟ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି। ଅଧିକ ତଥ୍ୟ ପାଇଁ ପୁଲିସ ଅଭିଯୁକ୍ତକୁ ରିମାଣ୍ଡରେ ଆଣିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସିପି ସୁରେଶ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

ଶ୍ରୀ ପଟ୍ଟନାୟକଙ୍କ ଘରେ ପଶି କଳାକନା ବୁଲାଇଥିଲା ସ୍ପାଇଡର୍ ମ୍ୟାନ୍। ସ୍ପାଇଡର ମ୍ୟାନ୍ ଭଳି ସେ ଘର ଉପରକୁ ଆଖି ପିଛୁଳାକେ ଚଢ଼ିଯାଉଥିଲା। ବିଶେଷକରି ସ୍ଲାଇଡର୍ ଝରକା ଥିବା ଘରକୁ ସହଜରେ ଟାର୍ଗେଟ୍ କରୁଥିଲା ସ୍ପାଇଡର ଶକ୍ତି ଓରଫ ସତୀଶ। ୧୮ ଦିନର ଖୋଳତାଡ଼, ୪ଶହ ସିସିଟିଭିର ଯାଞ୍ଚ, ଓଡ଼ିଶା ସହ ୪ ରାଜ୍ୟରେ ଛାନ୍‌ଭିନ୍ ପରେ ଏହି ସ୍ପାଇଡର୍ ଶକ୍ତିକୁ ଧରିଛି କମିସନରେଟ୍ ପୁଲିସ। ଆନ୍ଧ୍ରର ବିଜୟନଗରମ୍‌ରୁ ତାକୁ ଗିରଫ କରିଛି।

### ୟୁଟ୍ୟୁବ୍ ଦେଖି ବଡ଼ବଡ଼ିଆଙ୍କ ତଥ୍ୟ ସଂଗ୍ରହ କରୁଥିଲା

ସ୍ପାଇଡର ଶକ୍ତିର ଘର ବିଶାଖାପାଟଣା। ସେ ୨୦୧୩ରୁ ଚୋରି ବିଦ୍ୟାକୁ କ୍ୟାରିୟର କରିଥିଲା। କେବଳ ବଡ଼ବଡ଼ିଆ ଓ ଭିଆଇପିଙ୍କ ଘରୁ ଚୋରି କରୁଥିଲା। ସ୍ପାଇଡର ଶକ୍ତିର ଚୋରି ଫଣ୍ଡା ବି ପୂରା ହାଇଟେକ୍। ୟୁଟ୍ୟୁବ୍ ଦେଖି ବଡ଼ବଡ଼ିଆଙ୍କ ତଥ୍ୟ ସଂଗ୍ରହ କରୁଥିଲା ଏବଂ ଗୁଗଲ୍ ମ୍ୟାପ୍ ଦେଖି ଠିକଣା ଜାଗାରେ ପହଞ୍ଚୁଥିଲା। ଯେତେ ଉଚ୍ଚ ଘରର କାନ୍ଥ ହେଉ ଅବା ଛାତ, ସେ ଚଢ଼ିଯାଉଥିଲା। ଚତୁରତାର ସହ ଘରେ ପଶି କଳାକନା ବୁଲାଇ ଖସିଯାଉଥିଲା।

### ତିରୁପତିର ଜଣେ ବିଧାୟକଙ୍କ ଘରୁ ୭କେଜି ସୁନା ଚୋରି କରିଥିଲା

ପୂର୍ବରୁ ତିରୁପତିର ଜଣେ ବିଧାୟକଙ୍କ ଘରୁ ୭ କେଜି ସୁନା ଅଳଙ୍କାର, ତେଲଙ୍ଗାନାର ଜଣେ ଠିକାଦାରଙ୍କ ଘରୁ ୫ କୋଟି ନଗଦ ଟଙ୍କା, କେରଳରେ ୭ କୋଟି ଟଙ୍କା ଚୋରି ଘଟଣାରେ ସମ୍ପୃକ୍ତ ଥିଲା ସତୀଶ। ଗତ ଜୁଲାଇ ୨ରେ ଗିରଫ ହୋଇ ଜେଲ୍ ଯାଇଥିଲା। ପୂର୍ବରୁ ତ୍ରିଭେନ୍ଦ୍ରମ ସେଣ୍ଟ୍ରାଲ ଜେଲ୍‌ରେ ଥିବା ସତୀଶ ଗତ ସେପ୍ଟେମ୍ବର ୪ରେ ମୁକୁଳି ପୁଣି ଆରମ୍ଭ କରିଥିଲା ମିଶନ୍। ଗତ ଜାନୁଆରୀ ୨୫ ତାରିଖରେ ବସ୍‌ରେ ଭୁବନେଶ୍ୱରରେ ପହଞ୍ଚି ନିରଞ୍ଜନଙ୍କ ଘରୁ ଚୋରି କରିଥିଲା। ୨୦୨୩ରେ ନିରଞ୍ଜନଙ୍କ କଲୋନୀରେ ଥିବା ଏଆର୍‌ଏସ୍‌ଏସ୍ ମାଲିକଙ୍କ ଘରୁ ବି ଚୋରି କରିଥିଲା ସ୍ପାଇଡର୍ ସତୀଶ।

### କେମିତି ଶକ୍ତିକୁ ଧରିଲା ପୁଲିସ

ଗୁଗଲ୍ ଏବଂ ୟୁଟ୍ୟୁବ୍‌ରୁ ନିରଞ୍ଜନ ପଟ୍ଟନାୟକଙ୍କ ତଥ୍ୟ ନେବା ପରେ ଏଠାକୁ ଆସି ତାଙ୍କ ଘର ରେକି କରିଥିଲା। ଘରର ଝରକା ସ୍ଲାଇଡର ହୋଇଥିବାରୁ ସହଜ ହେବ ବୋଲି ଜାଣି ଚୋରି ପାଇଁ ଯୋଜନା କରିଥିଲା। ରାତି ୩ଟା ୩୫ରେ ଚୋରି ପାଇଁ ଏକ ପାଇପ୍‌ରେ ଚଢ଼ି ଘର ଭିତରକୁ ପଶିଥିଲା। ଧରା ନ ପଡ଼ିବା ପାଇଁ ଗ୍ଲୋବ୍‌ସ, ମୁଖା ଏବଂ ରେଡିୟମ୍ ଜୋତା ପିନ୍ଧିବା ସହ ଟର୍ଚ୍ଚ ସାହାଯ୍ୟରେ ଖୋଜି ଚୋରି କରିଥିଲା। ଚୋରି କରିବା ପରେ ୪ଟା ୪୫ରେ ବାହାରକୁ ଯାଇ ସବୁ ଖୋଲି ବ୍ୟାଗ୍‌ରେ ପୂରାଇବା ସହ ପୋଷାକ ବଦଳାଇଥିଲା। ପରେ ଅଟୋରେ ବସି ବରମୁଣ୍ଡା ଯାଇଥିଲା। ସେଠାରୁ ୫ଟା ୩୨ରେ ଭଡ଼ାଗାଡ଼ି କରି ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ପଳାଇଥିଲା। ସ୍ପେଶାଲ ସ୍କ୍ୱାଡ୍ ସିସିଟିଭି ଯାଞ୍ଚ କରି

- ଗୁଗଲ୍‌ରୁ ସର୍ଚ୍ଚ କରି ଭିଆଇପିଙ୍କ ଘରକୁ ଟାର୍ଗେଟ୍ କରୁଥିଲା
- ବିଜୟନଗରମ୍‌ରୁ ଗିରଫକଲା କମିସନରେଟ୍ ପୁଲିସ
- ଶକ୍ତି ନାମରେ ବିଭିନ୍ନ ରାଜ୍ୟରେ ୧୦୦ରୁ ଅଧିକ ମାମଲା
- ୧୧ ମାମଲାରେ ସଜା ପାଇସାରିଛନ୍ତି



ବରମୁଣ୍ଡାରେ ପହଞ୍ଚିଥିଲା। ସେଠାରୁ ସେ ଯାଇଥିବା ବାଲେନୋ ଗାଡ଼ିକୁ ଠାବ କରି କରଲୋମ୍ ପାଖରେ ପହଞ୍ଚିଥିଲା। ପୁଲିସ ବାଲେନୋ ଗାଡ଼ିର ଡ୍ରାଇଭରକୁ ଚିହ୍ନଟ କରି ପଚରାଉଚରା କରିବା ପରେ ସେ ଅଭିଯୁକ୍ତର ହୁଲିଆ ବଖାଣିଥିଲା।

### ୫୯ ବଡ଼ ଚୋରଙ୍କ ଫଟୋ ଆଣିଲା ପୁଲିସ

ଚୋରକୁ ଚିହ୍ନଟ ପାଇଁ ୫୯ ଚୋରଙ୍କ ଫଟୋ ଆଣିଲା ପୁଲିସ। ଏହି ଫଟୋଗୁଡ଼ିକୁ ବାଲେନୋ ଗାଡ଼ିର ଡ୍ରାଇଭରକୁ ଦେଖାଇଥିଲା। ସେ ଫଟୋ ଦେଖି ୫ଜଣଙ୍କୁ ସନ୍ଦେହ କରିଥିଲା। ପୁଲିସ ଏହି ୫ଜଣଙ୍କ ବିଷୟରେ କେରଳ ଏବଂ ଆନ୍ଧ୍ରପ୍ରଦେଶ ଜେଲ୍‌ରୁ ପଚାରି ବୁଝିବା ପରେ ୩ ଜଣ ଜେଲ୍‌ରେ ଥିବାବେଳେ ୨ଜଣ ବାହାରେ ଥିବା ଜଣାପଡ଼ିଛି। ଜଣେ ପତଳା ଥିବାରୁ ନିରଞ୍ଜନଙ୍କ ଘରୁ ଚୋରି ସିସିଟିଭି ଫୁଟେଜ ସହ ମିଶୁ ନ ଥିଲା। ହେଲେ ଅନ୍ୟ ଏକ ଚେହେରା ପୁଲିସକୁ ଅଧିକ ସନ୍ଦେହ ଭିତରକୁ ନେଇଥିଲା। ତା' ବିଷୟରେ ଖୋଳତାଡ଼ କରିବା ପରେ ସ୍ପାଇଡର ଶକ୍ତି ଚିହ୍ନଟ ହୋଇଥିଲା।

### ଇଣ୍ଡୋନେସିଆର ଦାମୀ କୁକୁର ରଖିଥିଲା

ଚୋରି ଟଙ୍କାରେ ଅୟସ କରୁଥିଲା ଶକ୍ତି। ୩ଟି ବିବାହ କରିବା ସହ ଦାମୀ କୁକୁର ରଖୁଥିଲା। ସେ ୨ଲକ୍ଷ ଟଙ୍କାର ଇଣ୍ଡୋନେସିଆରୁ ଏକ ଦାମୀ କୁକୁର ଆଣି ରଖିଥିଲା। ଏଥିସହ ତାକୁ ଖେଳିବାକୁ ଦେଇଥିଲା ୫୦ ହଜାର ଟଙ୍କାର ବଲ୍। ସେ ନିଜ ନାଁରେ ବେଙ୍ଗାଲୁରୁ, ହାଇଦରାବାଦ ଓ ବିଜୟନଗରମ୍‌ରେ ଫ୍ଲାଟ୍ ବି କିଣିଛି। ନିରଞ୍ଜନଙ୍କ ଘରୁ ଲୁଟ୍ ପରେ ଇଣ୍ଡୋନେସିଆରୁ ଏକ ଦାମୀ କୁକୁର ଆଣିଥିବା ପୁଲିସ କହିଛି।

### ପୁଲିସକୁ ନିରଞ୍ଜନଙ୍କ ଧନ୍ୟବାଦ

ଚୋର ଧରିବାରେ ସଫଳ ହେବା ପରେ କମିସନରେଟ୍ ପୁଲିସକୁ ନିରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଜଣାଇଛନ୍ତି। ନିଜ ସାମାଜିକ ଗଣମାଧ୍ୟମ ଜରିଆରେ ନିରଞ୍ଜନ କହିଛନ୍ତି ଯେ ଭୁବନେଶ୍ୱର ପୁଲିସ ମୋ ବାସଭବନରେ ଚୋରି ପାଇଁ ଦାୟୀ ଚୋରକୁ ଗିରଫ କରିଥିବାରୁ ଅଶେଷ ଅଶେଷ ଧନ୍ୟବାଦ ଜଣାଉଛି। ସେମାନଙ୍କର କାର୍ଯ୍ୟ ପ୍ରଶଂସନୀୟ ଏବଂ ଆଶ୍ୱାସନାଦାୟକ।

## ମୋବାଇଲ୍ ଫୋନ୍ ଲୁଟି ଦୁଇ ଯୁବକ ଗିରଫ




ହଂସପାଳ, ୧୩।୨(ସମିସ): ମୋବାଇଲ୍ ଫୋନ୍ ଛଡ଼ାଇ ଫେରାର୍ ହୋଇଯିବା ଅଭିଯୋଗରେ ନଖରାର ଦେବେନ୍ଦ୍ର ସାହୁଙ୍କ ଅଭିଯୋଗକୁ ଭିତ୍ତିକରି ପାହାଳ ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗନ୍ନାଥପୁର ଭୋଇସାହିର ମନୋରଞ୍ଜନ ଭୋଇ ଓରଫ ତପୁ (୨୦) ଏବଂ କଟକ ସଦର ଥାନା ସନ୍ତୋଳ ଗ୍ରାମର ବିକ୍ରମ ବେହେରା ଓରଫ ଗୁଡ୍ଡୁ (୨୧)।

ସୂଚନା ଅନୁସାରେ, ଦେବେନ୍ଦ୍ର ବୁଧବାର ରାତି ୯ଟା ସମୟରେ ତାଙ୍କର ଜଣେ ସମ୍ପର୍କୀୟ ଭାଇଙ୍କ ସହ ଏକ ସ୍କୁଟି ଯୋଗେ ତ୍ରିନାଥ ବଜାରରୁ ନଖରା ଅଭିମୁଖେ ଆସୁଥିବାବେଳେ ଇଷ୍ଟର୍ଣ୍ଣ କଲେଜ ନିକଟରେ ମନୋରଞ୍ଜନ ଓ ତାଙ୍କ ସାଥି ବିକ୍ରମ ଏକ ପଲ୍ସର ବାଇକ୍ ଯୋଗେ ପଛରୁ ଆସି ତାଙ୍କ ହାତରୁ ମୋବାଇଲ୍ ଫୋନ୍ ଛଡ଼ାଇ ନେଇ ନଖରା ଅଭିମୁଖେ ଦ୍ରୁତ ଗତିରେ ପଳାଇଥିଲେ। ଦେବେନ୍ଦ୍ର ଉଭୟଙ୍କ ପିଛା କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ପରେ ସେ ସଙ୍ଗେ ସଙ୍ଗେ ପାହାଳ ଥାନାକୁ ଆସି ଅଭିଯୋଗ କରିଥିଲେ। ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ଉ କରି ଉଭୟଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ୩ଟି ଲୁଟ୍ ମୋବାଇଲ୍ ଫୋନ୍ ଏବଂ ୧ ବାଇକ୍ ଜବତ କରିଥିଲେ। ପଚରାଉଚରା ବେଳେ ଉଭୟ ନିଜ ଅପରାଧ ସ୍ୱୀକାର କରିଥିଲେ। ମନୋରଞ୍ଜନ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ତାଙ୍କ ନାମରେ ପାହାଳ ଥାନାରେ ମୋଟ ୬ଟି ଓ କଟକ ସଦର ଥାନାରେ ୧ଟି ଅପରାଧିକ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

## ମାସକ ପାଇଁ ବଦଳିଲା ନନ୍ଦନକାନନ ପ୍ରବେଶ ପଥ




ନନ୍ଦନକାନନ, ୧୩।୨(ସମିସ): ମାସକ ପାଇଁ ବଦଳିଲା ନନ୍ଦନକାନନ ପ୍ରବେଶ ପଥ। ନନ୍ଦନକାନନର ପ୍ରବେଶ ପଥ ଅଞ୍ଚଳରେ ଚାଲିଥିବା କାଞ୍ଜିଆହ୍ରଦର ଉନ୍ନତିକରଣ କାର୍ଯ୍ୟକୁ ସୁଗମ କରିବା ପାଇଁ ଗୁରୁବାରଠାରୁ ପର୍ଯ୍ୟଟକମାନଙ୍କ ପାଇଁ ଅସ୍ଥାୟୀ ପ୍ରବେଶ ଏବଂ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଛି। ଏହା ପ୍ରାୟ ଏକ ମାସ ପର୍ଯ୍ୟନ୍ତ ଚାଲିବ ବୋଲି ଉପନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ପ୍ରବେଶପଥଠାରୁ ନନ୍ଦନକାନନ ଜଳ ଫୁଆରା ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଛି। ମଲ୍ଟି ଲେଭଲ୍ କାର୍ ପାର୍କିଂ ବିଲ୍ଡିଂର ପଛପଟେ ଥିବା ପ୍ରସ୍ଥାନ ପଥଠାରେ ଏବେ ପର୍ଯ୍ୟଟକ ନନ୍ଦନକାନନ ଭିତରକୁ ପ୍ରବେଶ କରିବା ସହ ଏଠାରେ ଅସ୍ଥାୟୀ ଭାବେ ଟିକଟ କାଉଣ୍ଟର ବ୍ୟବସ୍ଥା କରାଯାଇଛି। ଏଠାରୁ ପର୍ଯ୍ୟଟକମାନେ ଟିକଟ୍ କିଣି ଭିତରକୁ ଯାଇପାରିବେ। ପର୍ଯ୍ୟଟକଙ୍କ ସୁବିଧା ନିମନ୍ତେ ବ୍ୟାଟେରି ଅପରେଟେଡ୍ ଭେହିକିଲ୍, ଟିକଟ୍ ବୁକିଂ, ଗାଇଡ୍ ବୁକିଂ ଭଳି ସୁବିଧା ବ୍ୟବସ୍ଥା କରାଯାଇଛି। ଏହା ସହିତ ପର୍ଯ୍ୟଟକମାନେ ପାର୍କରେ ପ୍ରବେଶ କରିବା ପରେ ତୁରନ୍ତ ବ୍ୟାଟେରି ଗାଡ଼ି (ବିଓଭି) ସୁବିଧା ପାଇବା ପାଇଁ ବ୍ୟବସ୍ଥା କରାଯାଇଛି। ମଲ୍ଟି ଲେଭଲ୍ ପାର୍କିଂ ବିଲ୍ଡିଂର ପଛ ପାର୍ଶ୍ୱରୁ ପର୍ଯ୍ୟଟକମାନେ ମଧ୍ୟ ପ୍ରସ୍ଥାନ କରିବାର ବ୍ୟବସ୍ଥା କରାଯାଇଛି।

## କମ୍ପାନୀରେ ଟଙ୍କା ନିବେଶ ଆଳରେ ୩ କୋଟି ଠକେଇ

ଭୁବନେଶ୍ୱର, ୧୩।୨(ସମିସ): ସାମସଙ୍ଗ ଇଣ୍ଡିଆ ନାମରେ ଚୂନ ଲଗାଇଛନ୍ତି ଦୁଇ ଆଇଟି ଇଞ୍ଜିନିୟର ଭାଇ। ଏକାଧିକ ଲୋକଙ୍କଠାରୁ ଠକି ନେଇଛନ୍ତି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା। ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଭାଇକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ଭରତପୁର ଅଞ୍ଚଳର ଚନ୍ଦନ ଭୂୟାଁ। ଅଭିଯୁକ୍ତ ଚନ୍ଦନ ଓ ତାଙ୍କ ଭାଇ ସାମସଙ୍ଗ ପେ' ଇଣ୍ଡିଆ ନାମରେ ଏକ୍ ଫେକ୍ ୱେବ୍‌ସାଇଟ୍ କରିବା ସହ ଏଥିରେ ଅର୍ଥ ଲଗାଣ କଲେ ଅଧିକ ସୁଧହାରରେ ଟଙ୍କା ପାଇବା ନେଇ ଲୋଭ ଦେଖାଇଥିଲେ। ଏହିଭଳି ଭାବେ ଏକାଧିକ ଲୋକଙ୍କଠାରୁ ପାଖାପାଖି ୩ କୋଟି ଟଙ୍କା ନେବା ସହ ପରେ ଆଉ ଧରାଛୁଆଁ ଦେଇ ନ ଥିଲେ। ଠକେଇର ଶିକାର ହୋଇଥିବା ଏସ୍. ଚନ୍ଦ୍ର ପାତ୍ରଙ୍କ ଅଭିଯୋଗ କ୍ରମେ ଏୟାରଫିଲ୍ଡ ଥାନା ପୁଲିସ ଉକ୍ତ ମାମଲା ରୁଜୁ କରି ତଦନ୍ତ କରିଥିଲା।

- ଅଭିଯୋଗକାରୀଙ୍କଠାରୁ ନେଇଥିଲେ ୩୫ ଲକ୍ଷ
- ଠକେଇ ପଛରେ ଦୁଇ ଆଇଟି ଇଞ୍ଜିନିୟର; ଜଣେ ଗିରଫ

ସୂଚନାଯୋଗ୍ୟ ଯେ, ୨୦୨୩ ଅଗଷ୍ଟ ୨୯ରେ ଅଭିଯୁକ୍ତ ଚନ୍ଦନ ଭୂୟାଁ ଅଭିଯୋଗକାରୀ ଏସ୍. ଚନ୍ଦ୍ର ପାତ୍ରଙ୍କୁ ଏକ କମ୍ପାନୀରେ ଟଙ୍କା ନିବେଶ କରିବାକୁ ପ୍ରୋତ୍ସାହିତ କରିବା ସହିତ ଉକ୍ତ କମ୍ପାନୀରୁ ବଡ଼ଧରଣର ଲାଭ ମିଳିବାର ପ୍ରତିଶ୍ରୁତି ଦେଇଥିଲେ। ଅଭିଯୋଗକାରୀ ତାଙ୍କ କଥାରେ ବିଶ୍ୱାସ କରି ମୋଟ ୩୫ ଲକ୍ଷ ଟଙ୍କା ପର୍ଯ୍ୟାୟକ୍ରମେ ବିଭିନ୍ନ ମାଧ୍ୟମରେ ଅଭିଯୁକ୍ତଙ୍କ ବ୍ୟାଙ୍କ ଖାତାରେ ଜମା କରିଥିଲେ। ଅଭିଯୁକ୍ତ ଜଣକ ଟଙ୍କା ନେବା ପରେ ଅକ୍ଟୋବର ୨୦୨୩ ମଧ୍ୟରେ ମାତ୍ର ୧୦ ଲକ୍ଷ ଟଙ୍କା ଫେରାଇବାରେ ସମର୍ଥ ହୋଇଥିଲେ। କିନ୍ତୁ ନଭେମ୍ବର ୨୦୨୩ ପରେ ବଳକା ଟଙ୍କା ଆଉ ତାଙ୍କୁ ଫେରାଇ ନଥିଲେ। ସେବେଠାରୁ ଅଭିଯୁକ୍ତ ଜଣକ ଅଭିଯୋଗକାରୀଙ୍କ ଫୋନ୍ କଲ୍‌ର କୌଣସି ଉତ୍ତର ଦେଉନଥିଲେ କି ସାମାଜିକ ଗଣମାଧ୍ୟମରେ ଯୋଗାଯୋଗ କଲେ ମଧ୍ୟ ପ୍ରତିଉତ୍ତର ଦେଉନଥିଲେ। ଏକାଧିକବାର ଫୋନ୍ କଲା ପରେ ମାତ୍ର ଥରେ ଫୋନ୍ ରିସିଭ୍ କରି ସେ ଟଙ୍କା ଫେରାଇପାରିବେ ନାହିଁ, ଯେହେତୁ ତାଙ୍କ ପାଖରେ କୌଣସି ଟଙ୍କା ନାହିଁ ବୋଲି ଅଭିଯୋଗକାରୀଙ୍କୁ କହିଥିଲେ। ଅଭିଯୁକ୍ତଙ୍କୁ ଦେଇଥିବା ସମସ୍ତ ଟଙ୍କା ଅଭିଯୋଗକାରୀ ନିଜ ପରିଚିତ ଓ ନିକଟତମ ସମ୍ପର୍କୀୟଙ୍କ ନିକଟରୁ ଧାର କରି ଆଣିଥିଲେ। ଯାହା ଫେରସ୍ତ ନ ଦେବା କାରଣରୁ ସେ ବଡ଼ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହି ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ଚନ୍ଦନ ଭୂୟାଁଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ।

## ଟ୍ରକ୍ ପଛକୁ ପିଟିଲା ଆମ୍ବୁଲାନ୍ସ; ୨ ମୃତ

ଝାଁଲା, ୧୩।୨(ସମିସ): ଇନ୍‌ଫୋସିଭ୍ୟାଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ତଳଖେତା ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଗଞ୍ଜାମରୁ ଦୁର୍ଘଟଣାଗ୍ରସ୍ତ ଜଣେ ଗୁରୁତର ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ନେଇ ଆସୁଥିବା ଏକ ଆମ୍ବୁଲାନ୍ସ ଗ୍ୟାସ୍ ଟ୍ରକ୍ ପଛରେ ଧକ୍କା ଦେବାରୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ବଡ଼ମହୁରୀ ବାହିଲୋପଲ୍ଲିର କାଶୀ ସ୍ୱାଇଁ (୬୯) ଓ ଆକାଶ ବିଶୋଇ। ଆହତମାନେ ହେଲେ ଆମ୍ବୁଲାନ୍ସ ଚାଳକଙ୍କ ସମେତ ଦିଲ୍ଲୀପ ସ୍ୱାଇଁ ଓ ଶିବ ପ୍ରସାଦ ବିଶୋଇ।

ମିଳିଥିବା ସୂଚନା ଅନୁସାରେ, ବୁଧବାର ଗଞ୍ଜାମ ଦୁଡ଼ାମ୍ବଠାରେ କାଶୀ ସ୍ୱାଇଁ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ଅଧିକ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ଏକ ଆମ୍ବୁଲାନ୍ସ ଯୋଗେ କାଶୀଙ୍କୁ ତାଙ୍କ ସମ୍ପର୍କୀୟମାନେ ଭୁବନେଶ୍ୱର ନେଇ ଆସୁଥିଲେ। ଭୋର୍ ୪ଟାବେଳେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ ଗ୍ୟାସ୍ ବୋଝେଇ ଟ୍ରକ୍ ପଛରେ ଆମ୍ବୁଲାନ୍ସଟି ଗଙ୍ଗପଡ଼ା ପେଟ୍ରୋଲ ପମ୍ପ ନିକଟରେ ଧକ୍କା ଦେଇଥିଲା। ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସି ଦେଖିବା ବେଳକୁ ଆମ୍ବୁଲାନ୍ସ ଚାଳକ ଓ ଆଗରେ ବସିଥିବା ଆକାଶ ବିଶୋଇ ଗାଡ଼ିରେ ଚାପି ହୋଇ ରହିଥିଲେ। ଏହା ସହ କାଶୀ, ଦିଲ୍ଲୀପ ଓ ଶିବ ଗାଡ଼ିରୁ ଛିଟିକି ପଡ଼ିଥିଲେ। ତୁରନ୍ତ ଖବର ପାଇ ଇନ୍‌ଫୋସିଭ୍ୟାଲି ଥାନା ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରାୟ ୧ ଘଣ୍ଟା ପରିଶ୍ରମ ପରେ ଆମ୍ବୁଲାନ୍ସ ଚାଳକ ଓ ଆକାଶଙ୍କୁ ଗାଡ଼ି କାଟି ବାହାର କରିଥିଲେ। ଗୁରୁତର ଅବସ୍ଥାରେ ୫ ଜଣଙ୍କୁ ଉଦ୍ଧାର କରି ଏମ୍‌ସ ପଠାଇଥିଲେ। ଏମ୍‌ସରେ ପହଞ୍ଚିବା ପରେ କାଶୀ ଓ ଆକାଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଗୁରୁତରମାନେ ଏବେ ଏମ୍‌ସରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଏନେଇ ମୃତ କାଶୀଙ୍କ ପୁଅ ସଦୀପ ସ୍ୱାଇଁ ଇନ୍‌ଫୋସିଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଦୁଇଟି ଗାଡ଼ି ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ଘରେ ପଶି ଆକ୍ରମଣ ଘଟଣା; ୨ ଗିରଫ

ଭୁବନେଶ୍ୱର, ୧୩।୨(ସମିସ): ଗାଡ଼ି ଧକ୍କାକୁ କେନ୍ଦ୍ରକରି ଘରେ ପଶି ଆକ୍ରମଣ କରିବା ଘଟଣାରେ ଲକ୍ଷ୍ମୀସାଗର ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସହିଦନଗର ତେଲୁଗୁ ବସ୍ତିର ପବିତ୍ର ପ୍ରଧାନ ଏବଂ ନରେଶ ମହାପାତ୍ର। ଅଭିଯୋଗକାରୀ ମିର୍ଜା ଅର୍ସଦ ବେଗଙ୍କ ଅଭିଯୋଗ କ୍ରମେ ଲକ୍ଷ୍ମୀସାଗର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା।

ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଜଗନ୍ନାଥ ନଗର, ଲେନ୍ ନମ୍ବର-୧, ପ୍ଲଟ୍ ନମ୍ବର-୧୫୬୨/୩୬୨୫ରେ ରୁହନ୍ତି। ୧୨ତାରିଖ ଅପରାହ୍ଣ ୩ଟା ୩୦ରେ ଅଭିଯୋଗକାରୀଙ୍କ ବଡ଼ ଭାଇ ପାର୍କିଂ ଗ୍ୟାରେଜ୍‌ରୁ କାର୍‌କୁ ବାହାରକୁ ବାହାର କରୁଥିବାବେଳେ, ତାଙ୍କ ସାନ ଭାଇ କାର୍ ପଛରେ ରହି ସାହାଯ୍ୟ କରୁଥିଲେ। ଠିକ୍ ଏହି ସମୟରେ ଦୁଇ ଅଭିଯୁକ୍ତ ସେହି ରାସ୍ତା ଦେଇ ଏକ ବାଇକ୍‌ରେ ଯାଉଥିବାବେଳେ ମିର୍ଜାଙ୍କ ସାନ ଭାଇଙ୍କ ସହିତ ଧକ୍କା ହୋଇଥିଲା। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କିଛି ସମୟ ପରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ୧୦ରୁ ୧୫ ଜଣ ସହଯୋଗୀଙ୍କ ସହ ଆସି ମିର୍ଜାଙ୍କ ଘରେ ପଶି ତାଙ୍କୁ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗ ପରେ ପୁଲିସ ମାମଲାର ତଦନ୍ତ କରିବା ସହ ଚଢ଼ଉ କରି ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଷ୍ଟେସନ ବଜାର ଅଞ୍ଚଳରୁ କାବୁ କରିବାରେ ସକ୍ଷମ ହୋଇଥିଲେ।

## ବଢୁଛି ବେଆଇନ ଟ୍ରକ୍ ପାର୍କିଂ ସମସ୍ୟା; ଟର୍ମିନାଲ କେବେ ?

ଭୁବନେଶ୍ୱର, ୧୩।୨(ସମିସ): ରାଜଧାନୀରେ ବଢୁଛି ବେଆଇନ୍ ଟ୍ରକ୍ ପାର୍କିଂ ସମସ୍ୟା। ରାସ୍ତାଯାକ ଟ୍ରକ୍ ପାର୍କିଂ ହେଉଛି। ରାତି ହେଲେ ଜାତୀୟ ରାଜପଥ ଉପରେ ମଧ୍ୟ ଟ୍ରକ୍ ପାର୍କିଂ କରିବାକୁ ଟ୍ରକ୍ ଚାଳକମାନେ ପଛାଉ ନାହାନ୍ତି। ଯାହାଫଳରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଜଟିଳ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲେ ମଧ୍ୟ ପୁଲିସ, ଆର୍‌ଟିଓ ଅଧିକାରୀ ସବୁ ଜାଣି ନିରବଦ୍ରଷ୍ଟା ପାଲଟିଛନ୍ତି। ଏଭଳି ବେଆଇନ୍ ଭାବେ ବେପରୁଆ ଗାଡ଼ି ଚାଳକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ରାଜଧାନୀର ହଂସପାଳ, ପୁରୀ ବାଇପାସ୍ ନିକଟରେ ଜାତୀୟ ରାଜପଥରେ ବେଆଇନ୍ ଟ୍ରକ୍ ପାର୍କିଂ ହେଉଥିବା ଦେଖିବାକୁ ମିଳୁଛି। ଖଣ୍ଡଗିରି ଛକ, ଖଣ୍ଡଗିରିରୁ ବରମୁଣ୍ଡା ଆଡ଼କୁ ଗଲାବେଳେ ଫ୍ଲାଏଓଭର ପୂର୍ବରୁ ରାତିରେ ଟ୍ରକ୍ ଚାଳକମାନେ ଟ୍ରକ୍ ଛାଡ଼ି ଚାଲିଯାଉଛନ୍ତି। ସେହିପରି ହଂସପାଳରୁ ନଖରା ପର୍ଯ୍ୟନ୍ତ ରାତିଯାକ ଟ୍ରକ୍ ପାର୍କିଂ କରାଯାଉଛି। ଏହାସହ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ବେଆଇନ୍ ଟ୍ରକ୍ ପାର୍କିଂର ଆଡ୍ଡାସ୍ଥଳୀ ପାଲଟିଛି। ଏଥିପାଇଁ ଏଠାରେ ଜଟିଳ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ସ୍ଥାନୀୟ ଲୋକେ ଏହାକୁ ନେଇ ବାରମ୍ବାର ପ୍ରତିବାଦ କଲେ ମଧ୍ୟ ପୁଲିସ ଏବଂ ଆର୍‌ଟିଓ କର୍ମଚାରୀଙ୍କ ଇଣ୍ଡଷ୍ଟ୍ରୀ ମାଲିକଙ୍କ ସହ ସଲାସୁତରା ଯୋଗୁଁ ଲୋକଙ୍କ କଥା କେହି ଶୁଣୁନାହାନ୍ତି ବୋଲି ଅଭିଯୋଗ ହେଉଛି। ସେହିପରି ଏବେ ସୈନିକ ସ୍କୁଲ ନିକଟସ୍ଥ ଅଳିଆଗଦା ରାସ୍ତାରେ ଟ୍ରକ୍ ପାର୍କିଂ ଯୋଗୁଁ ରାସ୍ତାକୁ ଜାମ୍ କରିଦିଆଯାଉଛି। ଯାହାଫଳରେ ସ୍ଥାନୀୟ ରଙ୍ଗମାଟିଆ, ଗାଡ଼କଣ, ଧୂରୁକୁଟୀ ବସ୍ତି, ରେଳ ଡବା କାରଖାନାକୁ ଯାଉଥିବା ଲୋକେ ହଇରାଣ ହେଉଛନ୍ତି।

ଅନ୍ୟପକ୍ଷରେ ଟ୍ରକ୍‌ଗୁଡ଼ିକ ପାଇଁ ମଧ୍ୟ ସହର ଭିତରେ ପାର୍କିଂ କରିବାକୁ କୌଣସି ବ୍ୟବସ୍ଥା ନାହିଁ। ଟ୍ରକ୍ ଚାଳକମାନେ ବାରମ୍ବାର ଟ୍ରକ୍ ଟର୍ମିନାଲ ପାଇଁ ଦାବି କରୁଛନ୍ତି। ହେଲେ ଭୁବନେଶ୍ୱର ଭିତରେ ଟ୍ରକ୍ ଟର୍ମିନାଲ ସମ୍ଭବ ହୋଇପାରୁ ନାହିଁ। ଯାହାଫଳରେ ଟ୍ରକ୍ ଚାଳକମାନେ ରାସ୍ତାରେ ଟ୍ରକ୍ ପାର୍କିଂ କରୁଛନ୍ତି। ମୁଖ୍ୟତଃ ଶିଳ୍ପାଞ୍ଚଳରେ ଅନ୍ତତଃ ପାର୍କିଂ ସୁବିଧା କରାଯାଉ ବୋଲି ଟ୍ରକ୍ ଚାଳକମାନେ ଦାବି କରିଛନ୍ତି। ସିଡିପି ୨୦୪୦ରେ ମଧ୍ୟ ଉପକଣ୍ଠରେ ଏକାଧିକ ଟ୍ରକ୍ ଟର୍ମିନାଲର ଯୋଜନା କରାଯାଇଥିଲା। ହେଲେ ଏଗୁଡ଼ିକ କେବେ ହେବ ତାହା କେହି କହିପାରୁ ନାହାନ୍ତି।

ଜରିମାନା ପାଇଁ ସ୍କୁଲ୍ ଶିଶୁ ବନ୍ଧକ ଘଟଣା

## ଗର୍ଜିଲା ଛାତ୍ର ଓ ଯୁବ କଂଗ୍ରେସ



ଭୁବନେଶ୍ୱର, ୧୩।୨(ସମିସ): ଟ୍ରାଫିକ୍ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ରାସ୍ତାକୁ ଓହ୍ଲାଇଛି ଯୁବ ଓ ଛାତ୍ର କଂଗ୍ରେସ। କେଉଁ ପରିସ୍ଥିତିରେ ଜଣେ ସ୍କୁଲ୍ ଛାତ୍ରୀ କାର୍‌ରେ ଥିବା ବେଳେ ସମ୍ପୃକ୍ତି ଗାଡ଼ିକୁ ଏତେ ସମୟରେ ଖରାରେ ରଖାଗଲା ଓ ନଗଦ ଟଙ୍କା ଦାବି କରାଯାଇଥିଲା ସେନେଇ ଯୁବ ଓ ଛାତ୍ର କଂଗ୍ରେସ ଉତ୍ତର ମାଗିଛି। ଏହି କ୍ରମରେ ଆଜି ଦଳରେ ଏକାଧିକ ଛାତ୍ର ଓ ଯୁବ କଂଗ୍ରେସ ନେତା ଭୁବନେଶ୍ୱର ଏଜି ଛକ ସ୍ଥିତ ଟ୍ରାଫିକ୍ ଥାନା ଘେରଉ କରିବା ସହ ପୁଲିସ ବିରୋଧରେ ନାରାବାଜି କରିଛନ୍ତି।

ଏହି କ୍ରମରେ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଗତ ୧୧ ତାରିଖ ଦିନ ଦିପନ୍ୱିତା ମିଶ୍ର ନାମକ ଜଣେ ମହିଳା ଅଭିଯୋଗ କରିଛନ୍ତି ଯେ ତାଙ୍କ ଶିଶୁ କନ୍ୟା ଏକ କାର ଯୋଗେ ସ୍କୁଲରୁ ଘରକୁ ଫେରୁଥିଲେ। କାର ଡ୍ରାଇଭର ଟ୍ରାଫିକ୍ ନିୟମ ଉଲଂଘନ କରିଥିବା ଅଭିଯୋଗରେ ଟ୍ରାଫିକ୍ ଥାନା (୧)ର କର୍ମଚାରୀ କାର ଡ୍ରାଇଭରକୁ ଅଟକ ରଖିଥିଲେ ଓ ଥାନା ଅଧିକାରୀ ଆକାଶ ଚନ୍ଦ୍ର ରଣା ଓ ଅନ୍ୟ କର୍ମଚାରୀ ପ୍ରଣବ କୁମାର ଟୁଡୁ ବିନା ଇ-ଚାଲାଣରେ ଜୋରିମନା ବାବଦକୁ ନଗଦ ଅର୍ଥ ପୈଠ ପାଇଁ ଦାବି କରିଥିଲେ। ତେବେ ଏହି ସମୟରେ ଗାଡ଼ି ଭିତରେ ୭/୮ ବର୍ଷ ଶିଶୁ ନର୍ଦ୍ଧମ ଖରାରେ ଏକା ଛଟ ପଟ ହେଉଥିଲା। ଟ୍ରାଫିକ୍ ପୁଲିସ ସେହି ଛାତ୍ରୀର ସୁରକ୍ଷା କିମ୍ବା ଜୀବନ ପ୍ରତି ଧ୍ୟାନ ଦେଲେ ନାହିଁ। ସେ ସ୍କୁଲରୁ ଫେରୁଥିବାରୁ ଭୋକରେ ଆଉଟୁ ପାଉଟୁ ହୋଇ ଛଟପଟ ହେଉଥିଲା। ଖରାରେ ୧ ଘଣ୍ଟା ସେହି ନିରୀହ ଶିଶୁକୁ ସିଝିବାକୁ ପଡ଼ିଥିଲା। ଏମିତି ଶିଶଉ ପ୍ରସଙ୍ଗରେ ଡ୍ରାଇଭର ଅବଗତ କରାଇଥିଲେ ମଧ୍ୟ ଥାନା ଅଧିକାରୀ ଶୁଣିନଥିଲେ। ଘଣ୍ଟାଏ ପରେ ସମ୍ପୃକ୍ତ ଶିଶୁର ଅଭିଭାବକ ଆସି ୫୦୦ ଟଙ୍କା ପୈଠ କରିବା ପରେ ସେହି ଗାଡ଼ିକୁ ଛଡ଼ାଯାଇଥିଲା।

### ଟ୍ରାଫିକ୍ ଥାନା ଘେରଉ ସହ ଅଧିକାରୀଙ୍କ ନାଁରେ ଏତଲା

ଏଭଳି ଅମାନୁସିକ କାର୍ଯ୍ୟକୁ ବିରୋଧ କରି ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଥାନା ଅଧିକାରୀ ଶ୍ରୀ ରାଣାଙ୍କୁ ଏବଂ ଏଥିରେ ଥିବା ଅନ୍ୟ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ତୁରନ୍ତ ଥାନା ଅଧିକାରୀଙ୍କୁ ବଦଳି କରିବାକୁ ଦାବି କରାଯାଇଥିବା ବେଳେ ଶ୍ରୀ ରାଣାଙ୍କ ବିରୋଧରେ କ୍ୟାପିଟାଲ ଥାନାରେ ମାମଲା ଦାୟର କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଦେଶ ଯୁବ କଂଗ୍ରେସ ନେତା ରଞ୍ଜିତ ପାତ୍ର, ୟାସିର ନୱାଜ, ଉଦିତ୍ ପ୍ରଧାନ, ସୁଦିପ ସାମଲ, ମନୋଜ ବିଶ୍ୱାଳଙ୍କ ସମେତ ଅନେକ ଯୁବ ଓ ଛାତ୍ର କଂଗ୍ରେସ କର୍ମୀ ଧାରଣାରେ ସାମିଲ ହୋଇଥିଲେ।



କ୍ୟାପିଟାଲ ହସ୍ପିଟାଲ

# ରୋଗୀଙ୍କୁ ଗୋଟିଏ ଏକ୍ସ-ରେ ମେସିନ୍ ଭରସା




ଭୁବନେଶ୍ୱର, ୧୩।୨(ସମିସ): ରାଜଧାନୀରେ ଚିକିତ୍ସା ପାଇଁ ନିର୍ଭର କରୁଥିବା ପ୍ରମୁଖ କ୍ୟାପିଟାଲ ହସ୍ପିଟାଲକୁ ଉପକଣ୍ଠ ସମେତ ଆଖପାଖ ଜିଲ୍ଲାରୁ ମଧ୍ୟ ଲୋକ ଚିକିତ୍ସା ପାଇଁ ଆସିଥା'ନ୍ତି। ହେଲେ ଦିନକୁ ଦିନ ଏଠାରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ଗୋଟିଏ ପଟେ ରୋଗୀଙ୍କ ସଂଖ୍ୟା ବଢ଼ୁଥିବାବେଳେ ଅନ୍ୟପଟେ ଦିନକୁ ଦିନ ନୂଆ ନୂଆ ସମସ୍ୟା ଉପୁଜିବାରେ ଲାଗିଛି। ହସ୍ପିଟାଲରେ ବର୍ତ୍ତମାନ ଗୋଟିଏ ଏକ୍ସ-ରେ ମେସିନ୍ ହିଁ ରୋଗୀଙ୍କ ସାହା ଭରସା ପାଲଟିଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ହନ୍ତସନ୍ତ ହେଉଛନ୍ତି।

କଥାଟି ହେଲା କ୍ୟାପିଟାଲ ହସ୍ପିଟାଲରେ ମୋଟ ଦୁଇଟି ଏକ୍ସ-ରେ ମେସିନ୍ ରହିଥିଲା। ସମୟସହ ରୋଗୀଙ୍କ ସଂଖ୍ୟା ବଢ଼ିବାରୁ ସୁବିଧାରେ ଏବଂ କମ୍ ସମୟରେ ଅଧିକ ଲୋକଙ୍କ ଏକ୍ସ-ରେ ହୋଇପାରିବ ବୋଲି ଏକ ବଡ଼ ଡିଜିଟାଲ ଏକ୍ସ-ରେ ମେସିନ୍ ଆସିଥିଲା। ହେଲେ ଗତ ଦୁଇ ମାସ ହେବ ସେହି ଡିଜିଟାଲ ଏକ୍ସ-ରେ ମେସିନ୍‌ଟି ଖରାପ ହୋଇଯାଇଛି। ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ମରାମତି ହୋଇପାରିନାହିଁ। ଫଳରେ ପରୀକ୍ଷା ପାଇଁ ରୋଗୀଙ୍କ ଧାଡ଼ି ବଢ଼ିବାରେ ଲାଗୁଛି। ସମୟ ସହ ରୋଗୀ ବଢ଼ୁଥିଲେ ହେଁ ସମସ୍ୟାର ସମାଧାନ ହୋଇପାରିଲା ନାହିଁ। ଦିନେ କି ଦୁଇ ଦିନ ନୁହେଁ, ପ୍ରତିଦିନ ଧାଡ଼ିରେ ଲୋକ ଘଣ୍ଟା ଘଣ୍ଟା ସମୟ ବିତାଉଛନ୍ତି। ସେଥିରେ ହାଡ଼ଭଙ୍ଗା ରୋଗୀଙ୍କ ସମେତ ଷ୍ଟ୍ରେଚର୍‌ରେ ମଧ୍ୟ ରୋଗୀ ଏକ୍ସ-ରେ ପାଇଁ ଆସୁଥିବା ଦେଖିବାକୁ ମିଳୁଛି। ଅଧିକ ସମୟ ଧାଡ଼ିରେ ବିତେଇବାକୁ ପଡୁଥିବାରୁ ନିରାଶ ହୋଇ ରୋଗୀଙ୍କୁ ତାଙ୍କ ସମ୍ପର୍କୀୟମାନେ ଘରୋଇ ପାଥୋଲ୍ୟାବ୍‌କୁ ନେବାକୁ ବାଧ୍ୟ ହେଉଛନ୍ତି। କହିବାକୁ ଗଲେ ସରକାରୀ ସୁବିଧା ଥାଇ ବି ଘରୋଇ ପାଥୋଲ୍ୟାବ୍‌କୁ ପୋଷିବା ପରି ପରିସ୍ଥିତି ଉପୁଜୁଛି। ଏବେ ସେଥିରେ ବୋଝ ଉପରେ ନଳିତା ବିଡ଼ା ପରି ଅନ୍ୟ ଦୁଇ ଏକ୍ସ-ରେ ମେସିନ୍ ମଧ୍ୟରୁ ଆଉ ଗୋଟିଏ ଖରାପ ହୋଇଯାଇଛି। ବର୍ତ୍ତମାନ ଏତେ ବଡ଼ କ୍ୟାପିଟାଲ ହସ୍ପିଟାଲକୁ ଗୋଟିଏ ଏକ୍ସ-ରେ ମେସିନ୍ ହିଁ ଭରସା କହିଲେ ଚଳେ। ଯେଉଁଠି ଦୁଇଟି ମେସିନ୍‌ରେ ରୋଗୀଙ୍କୁ ଏତେ ସମୟ ଧରି ଧାଡ଼ିରେ ଠିଆ ହେବାକୁ ପଡୁଥିଲା, ଏବେ ଗୋଟିଏ ମେସିନ୍‌ରେ କାମ କେମିତି ଚାଲିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଏ ନେଇ ସେଠାକୁ ଆସିଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ କୁହନ୍ତି, ଧାଡ଼ିରେ ଯଦି ସବୁ ସମୟ ଯିବ, ତେବେ ଚିକିତ୍ସା କେତେବେଳେ

## କାମ କରୁନି ଡିଜିଟାଲ୍ ଏକ୍ସ-ରେ ମେସିନ୍; ଧାଡ଼ିରେ ଠିଆହୋଇ ଲୋକେ ନିରାଶ

## ବିତିଲାଣି ଦୁଇମାସ; ହୋଇପାରୁନି ମରାମତି

ଆରମ୍ଭ ହେବ। ସୁବିଧା ଓ ମାଗଣାରେ ଚିକିତ୍ସା ହେବା ଆଶା ନେଇ ଦୂରଦୂରାନ୍ତରୁ ଆସୁଥିବା ରୋଗୀଙ୍କୁ ଯଦି ଘଣ୍ଟା ଘଣ୍ଟା ସମୟ ଧାଡ଼ିରେ ବିତାଇବାକୁ ପଡ଼ିବ, ତେବେ ବାଧ୍ୟ ହୋଇ ଘରୋଇ ଚିକିତ୍ସାଳୟକୁ ଯିବାକୁ ହେବ ବୋଲି ନିରାଶ ହୋଇ କହିଥିଲେ। ସେହିପରି ଏହି ସମସ୍ୟାକୁ ନେଇ କ୍ୟାପିଟାଲ ହସ୍ପିଟାଲର କର୍ତ୍ତୃପକ୍ଷ କହିଛନ୍ତି, ଡିଜିଟାଲ ଏକ୍ସ-ରେ ଖରାପ ହୋଇଯାଇଥିବା ଘଟଣା ବିଷୟରେ ସମ୍ପୃକ୍ତ ସଂସ୍ଥାକୁ ଅବଗତ କରାଯାଇଛି। ମେସିନ୍ ମରାମତି ପାଇଁ ଲୋକ କାମରେ ଲାଗିଛନ୍ତି। ଯଥାଶୀଘ୍ର ତା'ର ମରାମତି କରିବାକୁ ଚେଷ୍ଟା ଚାଲିଛି। ବାକି ବଡ଼ ମେସିନ୍ ଖରାପ ଥିବାରୁ ଛୋଟ ମେସିନ୍ ଦୁଇଟି ଉପରେ ଅଧିକ ଚାପ ପଡୁଛି। କାରଣ ଆଗ ଅପେକ୍ଷା ଏକ୍ସ-ରେ ପାଇଁ ଅଧିକ ଲୋକ ଆସୁଛନ୍ତି। ତେଣୁ ଲୋଡ୍ ହେବା ଯୋଗୁଁ ନିକଟରେ ଅନ୍ୟଟି ଖରାପ ହୋଇଯାଇଥିବା ସୂଚନା ମିଳିଛି। ଏନେଇ କିଛି ନା କିଛି ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ପୁଣି ଅଥୟ କଲେଣି ରାଜଧାନୀ ମଶା



ଭୁବନେଶ୍ୱର, ୧୩।୨(ସମିସ): ଶବ୍ଦ କରୁ ନାହାନ୍ତି। ସିଧା ଆସି କାମୁଡ଼ି ଦେଉଛନ୍ତି। ଏକାବେଳେ ୧୦ରୁ ୧୨ ମାଶା ବେଢ଼ି ଯାଉଛନ୍ତି। ଘଣ୍ଟାଏ ବାହାରେ ଛିଡ଼ାହେଲେ ଶହେରୁ ଅଧିକ ମଶା କାମୁଡ଼ି ଦେଉଛନ୍ତି। ଯେତେ ବାଡ଼େଇବ ସେତେ ଆସୁଛନ୍ତି। ଧୂଆଁ ଦିଅ କି ନିଆଁ ଜଳାଅ; କିଛି ବି କାମ କରୁନି। ଏମାନେ କାହାରିକୁ ଡରୁନାହାନ୍ତି। ମଶାବତିକୁ ବି ମାନୁନାହାନ୍ତି। ମଶା ଅଥୟ କରିଦେଲେଣି। ରାଜଧାନୀର ମଶା ଏବେ ମୁଖ୍ୟ ସମସ୍ୟା ପାଲଟିଥିଲାବେଳେ ବିଏମ୍‌ସି କିନ୍ତୁ ଏଭଳି ସମସ୍ୟାକୁ ହେ ଜ୍ଞାନ କରବାରେ ଲାଗିଛି। କାରଣ ବହୁ ଦିନ ହେବ ମଶା ସାନ୍ଦ୍ରତା ମପାଯାଉନାହିଁ। ଶେଷ ଥର ପାଇଁ ମଶା ସାନ୍ଦ୍ରତା ୯୦ ଥିଲା। ଦୁଇମାସ ହେଲା ମାଶା ସାନ୍ଦ୍ରତା ମପାଯାଇ ନାହିଁ। ମଶା ସାନ୍ଦ୍ରତା ମାପିବାକୁ ଚିଠି ଲେଖାଯାଇଛି ବୋଲି ବିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୀପକ ବିଶୋଇ କହିଛନ୍ତି। ଅନ୍ୟପକ୍ଷରେ ଏବେ ଯେଉଁଭଳି ରାଜଧାନୀରେ ମଶା କାମୁଡୁଛନ୍ତି ଏହାର ସାନ୍ଦ୍ରତା ବହୁ ସ୍ଥାନରେ ୨ଶହ ଟପିଯାଇଥିବ ବୋଲି ବିଶେଷଜ୍ଞ ମତପ୍ରକାଶ କହିଛନ୍ତି।

କିଛିଦିନ ତଳେ ମଶା ମଶା ବୋଲି ଚାରିଆଡ଼େ ହୋହଲ୍ଲା ହେଲା। ସୋସିଆଲ୍ ମିଡିଆଠାରୁ ଗଣମାଧ୍ୟମ ଚାରିଆଡ଼େ ଲୋକେ ବଢୁଥିବା ମଶାବଂଶକୁ ନେଇ ମୁଖର ହେଲେ। ବିଏମ୍‌ସି ମଶା ଧୂଆଁ ଦେବା କାର୍ଯ୍ୟକୁ ନିୟମିତ କଲା। ଲୋକଙ୍କୁ ଆଶ୍ୱସ୍ତି ମିଳିଲା। ମାତ୍ର ଗୋଟିଏ ସପ୍ତାହ ପରେ ପରିସ୍ଥିତି ପୁଣି ଯାହାକୁ ସେଇଆ। ଧୂଆଁ ଦେବା କମିଗଲାଣି। ରାତିରେ ବାହାରେ କେହି ଛିଡ଼ା ହୋଇପାରୁ ନାହାନ୍ତି କି ଘରେ ବି ରହିବା କଷ୍ଟ ହୋଇପଡୁଛି। ଲୋକେ ମଶା ପାଇଁ ତ୍ରାହି ତ୍ରାହି ଡାକୁଥିଲାବେଳେ ବିଭିନ୍ନ ଆଳ ଦେଖାଇ ରାଜ୍ୟ ସରକାର ଏବଂ ବିଏମ୍‌ସି ଚୁପ୍‌ଚାପ୍ ବସିଛନ୍ତି। ରାତିରେ ପିସିଆର୍ କର୍ମଚାରୀ, ସିକ୍ୟୁରିଟି ଗାର୍ଡ, ହୋଟେଲ ଶ୍ରମିକଙ୍କ ସମେତ ଜରୁରୀ ସେବା ପ୍ରଦାନ କରୁଥିବା ବ୍ୟକ୍ତିମାନେ ବାହାରେ ରହୁଛନ୍ତି। ମଶା କାମୁଡ଼ାରେ ଏମାନେ ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି। ମଶାବଂଶ ଯୋଗୁଁ ଅଣ୍ଡାଖୋଳର ଚାହିଦା ବଢ଼ିବାରେ ଲାଗିଛି। ଅଣ୍ଡା ବ୍ୟବସାୟୀଙ୍କଠାରୁ ସିକ୍ୟୁରିଟି ଗାର୍ଡମାନେ ୫ରୁ ୧୦ ଟଙ୍କା ଦେଇ ଆଣ୍ଡାଖୋଳ କିଣି ନେଉଛନ୍ତି। ମଶାବଂଶ ରୋକିବାରେ ବିଏମ୍‌ସି ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଡ୍ରେନ୍ ସଫା ନ ହେବାରୁ ମଶାବଂଶ ବୃଦ୍ଧି ପାଉଥିବା ବିଏମ୍‌ସି ଅଧିକାରୀ କହୁଛନ୍ତି। ହେଲେ ମୁଖ୍ୟ କାରଣକୁ ଛାଡ଼ି ମଶାଧୂଆଁ, ବ୍ରୁଶ୍ କଟିଂ ଉପରେ ଗୁରୁତ୍ୱ ଦେଉଛି। ତାହା ବି ଠିକ୍ ଭାବେ ହୋଇପାରୁ ନାହିଁ।

**ସାନ୍ଦ୍ରତା ମାପିବାକୁ କେହି ଆସୁନାହାନ୍ତି; ୨ଶହ ଟପିବା ଆଶଙ୍କା**

# 'ଉତ୍କଳ' କୁଳସଚିବଙ୍କୁ ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ଧମକ

ଭୁବନେଶ୍ୱର, ୧୩।୨(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବ ଏବଂ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଗୁରୁବାର ଯୁକ୍ତିତର୍କ ହୋଇଛି। ଏପରିକି ଏବିଭିପି ଗଣମାଧ୍ୟମ ସଂଯୋଜକ ଥିବା ବିଶ୍ୱଜିତ୍ ପାତ୍ର କୁଳସଚିବଙ୍କୁ ଧମକାଇଥିବା ଅଭିଯୋଗ ହୋଇଛି। ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପିକା ଏବିଭିପି ନଗର ସଭାପତି ହେବା ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜନୈତିକ କାର୍ଯ୍ୟରେ ସମ୍ପୃକ୍ତି ନ ହେବାକୁ ମୌଖିକ ଭାବେ ଆକଟ କରାଯାଇଥିଲା। ଯାହାକୁ ନେଇ ଉଭୟେ ମୁହାଁମୁହିଁ ହୋଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ପଚାରିବାରୁ ଶ୍ରୀ ପାତ୍ର କହିଛନ୍ତି, ଏବିଭିପି ସମ୍ବିଧାନ ଅନୁଯାୟୀ ଜଣେ ଅଧ୍ୟାପକ ବା ଅଧ୍ୟାପିକା ସଭାପତି ଭାବେ ନିର୍ବାଚିତ ହୋଇଥା'ନ୍ତି। ତାଙ୍କୁ ଚାପ ପ୍ରୟୋଗ କରାଯାଉଛି। ଏହାସହ କୁଳସଚିବ ବହୁ ଅନିୟମିତତାରେ ସମ୍ପୃକ୍ତ ଥିବା ସମ୍ପର୍କରେ ପଚାରିବାରୁ ଯୁକ୍ତିତର୍କ ହୋଇଥିବା ସ୍ୱୀକାର କରିଛନ୍ତି। ସେହିପରି ଆଲୋଚନା ମାଧ୍ୟମରେ ଘଟଣାର ସମାଧାନ ହୋଇଥିବା କୁଳସଚିବ ପ୍ରକାଶ କରିଛନ୍ତି।

## ବିଏମ୍‌ସି ପକ୍ଷରୁ ଭୀମଭୋଇ ସାମର୍ଥ୍ୟ ଶିବିର ଉଦ୍‌ଯାପିତ

# ଉପକୃତ ହେଲେ ୩୦୦୨ ଭିନ୍ନକ୍ଷମ



ଭୁବନେଶ୍ୱର, ୧୩।୨(ସମିସ): ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ ବିଏମ୍‌ସିର ମିଳିତ ଉଦ୍ୟମରେ ୬ ନମ୍ବରସ୍ଥିତ ବିଏମ୍‌ସି କଲ୍ୟାଣ ମଣ୍ଡପଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଓ ବୟୋଶ୍ରୀ ମେଳା ଉଦ୍‌ଯାପିତ ହୋଇଛି। ତିନି ଦିନ ଧରି ଆୟୋଜିତ ଏହି କ୍ୟାମ୍ପ୍‌ରେ ୩୦୦୨ ଜଣ ନିଜର ନାମ ପଞ୍ଜୀକରଣ କରି ବିବିଧ ସୁବିଧା ପାଇଛନ୍ତି। ଏହାସହ ନିଜ ଅଧିକାର ବାବଦରେ ଜାଣିବାକୁ ପାଇଛନ୍ତି। ଏହି ଶିବିରରେ ସରକାରଙ୍କ ଯୋଜନାରେ ରହିଥିବା ୨୫ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ସହାୟ ଉପକରଣ ଯୋଗାଇ ଦିଆଯାଇଛି। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ଶାରୀରିକ, ମାନସିକ, ଚକ୍ଷୁ, କର୍ଣ୍ଣ ଆଦି ପରୀକ୍ଷା ହେବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

ଏହା ବ୍ୟତୀତ ଶିବିରରେ ସହାୟକ ଯନ୍ତ୍ର ଓ ଉପକରଣ ଚିହ୍ନଟ, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରଦାନ ନିମନ୍ତେ ମାପ, ଭିନ୍ନକ୍ଷମ ଭତ୍ତା ପଞ୍ଜୀକରଣ, ଆବେଦନ, ଆତ୍ମନିଯୁକ୍ତି ଉପକରଣ ଆବେଦନ, ବାଣିଶ୍ରୀ ବୃତ୍ତି ଓ ଜାତୀୟ ବୃତ୍ତି ନିମନ୍ତେ ଆବେଦନ, ଭିନ୍ନକ୍ଷମ ପିତାମାନଙ୍କର ଉଚ୍ଚଶିକ୍ଷା ନିମନ୍ତେ ଆବେଦନ, ଭିନ୍ନକ୍ଷମ ମିଶନ କ୍ଷମତା ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ପାଇଁ ଆବେଦନ, ଉଚ୍ଚଶିକ୍ଷା କରୁଥିବା ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ନିମନ୍ତେ ଲାପ୍‌ଟପ୍ ଆବେଦନ, ଭିନ୍ନକ୍ଷମ ବୈଷୟିକ ଶିକ୍ଷା ନିମନ୍ତେ ଆବେଦନ, ଭିନ୍ନକ୍ଷମ ବ୍ୟକ୍ତି ଏବଂ ଏକ ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ବିବାହ ନିମନ୍ତେ ପ୍ରୋତ୍ସାହନ ରାଶି ନିମନ୍ତେ ଆବେଦନ, ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବସ୍ ପାସ୍ ପ୍ରଦାନ, ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଆବେଦନ, ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ସହାୟକ ଯନ୍ତ୍ର ଓ ଉପକରଣ ଚିହ୍ନଟ, ଆଧାରକାର୍ଡ ପଞ୍ଜୀକରଣ ଆବେଦନ ଇତ୍ୟାଦି କରାଯାଇଛି।

# ଅଶୋକ ବଳ ଓ ରଶ୍ମିତା ଦାଶଙ୍କୁ 'ଓଏମ୍‌ଏଚ୍ ସ୍ୱରଶ୍ରୀ' ସମ୍ମାନ

ଭୁବନେଶ୍ୱର, ୧୩।୨(ସମିସ): ଓଡ଼ିଶା ମ୍ୟୁଜିକ୍ ହେରିଟେଜ୍ ଅନୁଷ୍ଠାନ ତରଫରୁ ସାଂସ୍କୃତିକ 'ଶୀତ ଉତ୍ସବ' ବୁଦ୍ଧ ମନ୍ଦିର ଅଡିଟୋରିୟମ୍ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜଗଦୀଶ ପ୍ରସାଦ ନାୟକ, ଚେୟାରମ୍ୟାନ୍, ଡିଏନ୍ ଗ୍ରୁପ୍ ଯୋଗଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ତ୍ରିଲୋଚନ ବରାଳ, ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସମ୍ପାଦକ ଧୀରେନ୍ଦ୍ରନାଥ ମଲ୍ଲିକ ଏବଂ ପ୍ରାଧ୍ୟାପକ ଡ. ସୁକାନ୍ତ ବଳ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକା ଲିପି ନାୟକଙ୍କୁ ସାମ୍ବାଦିକତା ଏବଂ ଓଡ଼ିଆ ସଂସ୍କୃତି ଓ ସଙ୍ଗୀତର ପ୍ରଚାରପ୍ରସାର କ୍ଷେତ୍ରରେ ତାଙ୍କର ଅତୁଳନୀୟ ପ୍ରଚେଷ୍ଟା, ଉଦ୍ୟମ ଓ ଅବଦାନ ପାଇଁ 'ଶ୍ରେଷ୍ଠ ସାମ୍ବାଦିକା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଙ୍ଗୀତ ନିର୍ଦ୍ଦେଶକ, କଣ୍ଠଶିଳ୍ପୀ ତଥା ଭଜନ ସମ୍ରାଟ ଭିକାରୀ ବଳଙ୍କ ପୁତ୍ର ଅଶୋକ ବଳ ଏବଂ ଗାୟିକା ରଶ୍ମିତା ଦାଶଙ୍କୁ ଓଡ଼ିଆ ସଙ୍ଗୀତ ଜଗତରେ ଅନନ୍ୟ ପାରଦର୍ଶିତା ପାଇଁ 'ଓଏମ୍‌ଏଚ୍ ସ୍ୱରଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

**ପଥରଗାଡ଼ିଆର ନିରୀହ ଲୋକଙ୍କ ଉପରେ ଇନ୍‌ଫୋସିଟି ପୁଲିସର ଜୁଲମ୍**

# ବେଆଇନ ଗିରଫଦାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି




ଭୁବନେଶ୍ୱର, ୧୩।୧(ସମିସ): ପଥରଗାଡ଼ିଆସ୍ଥିତ ଇନ୍‌ଫୋସିଟି ଥାନା ପଛପଟେ ଗଣ୍ଡଗୋଳରେ କେତେକ ନିରୀହ, ହରିଜନ ଓ ଭିନ୍ନକ୍ଷମଙ୍କୁ ସମ୍ପୃକ୍ତ କରି ଇନ୍‌ଫୋସିଟି ଥାନା ପୁଲିସ କରିଥିବା ମାରଧର, ନିର୍ଯାତନା ଏବଂ ବେଆଇନ ଗିରଫଦାରୀ ବିରୋଧରେ ଗୁରୁବାର ସିପିଆଇ ଜୋନ୍ ସମ୍ପାଦକ ସୁର ଜେନାଙ୍କ ନେତୃତ୍ୱରେ କାବେରୀ ଦାସ ମହାପାତ୍ର, କାଳନ୍ଦୀ ଭୋଇ, ସୌଦାମିନୀ ନାୟକ ଓ ସୁଗତମା ଭୋଇ ପ୍ରମୁଖଙ୍କୁ ପୁଲିସ ଡେପୁଟି କମିସନଙ୍କ ନିକଟରେ ଫେରାଦ ହେବା ସଙ୍ଗେ ସଙ୍ଗେ ନିର୍ଦ୍ଦୋଷ, ନିରପରାଧୀମାନଙ୍କୁ ଛାଡ଼ିଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗୃହ ବିଭାଗର ପ୍ରମୁଖ ଶାସନ ସଚିବ, ଓଡ଼ିଶା ମାନବାଧିକାର କମିସନ, ଏସ୍‌ସି ଏସ୍‌ଟି ବିଭାଗର କମିସନର ତଥା ସଚିବ ଏବଂ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କୁ ଜଣାଇଛନ୍ତି। ସ୍ୱାମୀ ଯଶୋବନ୍ତ ଦାସମହାପାତ୍ର ହରିଜନମାନଙ୍କ ଜମିକୁ ହଡ଼ପ କରିବା ପାଇଁ ମାଫିଆଙ୍କ ଚକ୍ରାନ୍ତକୁ ବିରୋଧ କରୁଥିବାରୁ ତାଙ୍କ ସ୍ୱାମୀଙ୍କୁ ଏହି ମିଛ ମମଲାରେ ଫସାଇ ଦିଆଯାଇ ଗିରଫ କରାଯାଇଛି ବୋଲି କାବେରୀ ମହାପାତ୍ର କହିଛନ୍ତି। ପୁଲିସ ରାତିସାରା ମୋତେ ଥାନାରେ ରଖି ମାରଧର କରିଛି। ସୂର୍ଯ୍ୟକାନ୍ତ ନାୟକଙ୍କୁ ଇନ୍‌ଫୋସିଟି ପୁଲିସ ଥାନାକୁ ନେଇ ସେ ଗଣ୍ଡଗୋଳରେ ସମ୍ପୃକ୍ତ ନ ଥିଲେ ମଧ୍ୟ ମିଛରେ ବିଭିନ୍ନ ଦଫା ଲଗାଇ କୋର୍ଟ ଚାଲାଣ କରିଛି ବୋଲି ସୌଦାମିନୀ ପ୍ରଧାନ କହିଛନ୍ତି। ନିରପରାଧୀ ଆଦିବାସୀମାନଙ୍କ ଉପରେ ପୁଲିସର ନିର୍ଯାତନା ଅତ୍ୟନ୍ତ ନିନ୍ଦନୀୟ। ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଜରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି।

# ସପ୍ତମ ସଙ୍ଗୀତ ଓ ନୃତ୍ୟ ଉତ୍ସବ ବର୍ଣ୍ଣାଳୀ ଉଦ୍‌ଘାଟିତ

ଭୁବନେଶ୍ୱର, ୧୩।୨(ସମିସ): ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଉତ୍କଳ ରଙ୍ଗମଞ୍ଚ ପ୍ରେକ୍ଷାଳୟରେ ରୁଦ୍ରାକ୍ଷ ଫାଉଣ୍ଡେସନ୍‌ର ସପ୍ତମ ସଙ୍ଗୀତ ଓ ନୃତ୍ୟ ଉତ୍ସବ ବର୍ଣ୍ଣାଳୀ-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କଳିଙ୍ଗ ଚିକିତ୍ସାଳୟର ଅଧ୍ୟକ୍ଷ ଶୀତକଣ୍ଠ ଦାଶ, ସିସିବିଏର ପ୍ରତିଷ୍ଠାତା ଏବଂ ପରିଚାଳନା ନିର୍ଦ୍ଦେଶକ ରାମପ୍ରସାଦ ଆକିସେଟି, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଓଡ଼ିଶୀ ନୃତ୍ୟ ବିଭାଗର ପ୍ରାକ୍ତନ ମୁଖ୍ୟ ଅଧ୍ୟାପିକା ଗୁରୁ ସ୍ନେହପ୍ରଭା ସାମନ୍ତରାୟ, ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ପ୍ରାକ୍ତନ ଉପଦେଷ୍ଟା ସୁମିତ୍ରା ଜେନା ଅତିଥି ଭାବେ ଯୋଗଦେଇଥିଲେ। ଏହି ଉତ୍ସବରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ସତ୍ୟବାନ ସେଠୀ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ବାଦ୍ୟଯନ୍ତ୍ର କାର୍ଯ୍ୟକ୍ରମ ଯାହାର ନାମ ଥିଲା ମଲ୍‌ହାର। ପରେ ମିନାକ୍ଷୀ ରାଣୀ ଜେନାଙ୍କ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ଯାହା ପ୍ରେକ୍ଷାଳୟରେ ଦର୍ଶକଙ୍କୁ ବାନ୍ଧି ରଖୁଥିଲା। ରୁଦ୍ରାକ୍ଷର ସମ୍ପାଦକ ତଥା ସୁଦକ୍ଷ ମର୍ଦ୍ଦଳ ବାଦକ ରୋହିତ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବା ଏହି ସମସ୍ତ କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

**ଆଇଆଇଇସି ପକ୍ଷରୁ 'ସତତ ସହର' କାର୍ଯ୍ୟକ୍ରମ**

# 'ଅତ୍ୟଧିକ ମୋବାଇଲ୍ ବ୍ୟବହାର ଦ୍ୱାରା ମସ୍ତିଷ୍କ ପ୍ରଦୂଷିତ'



ଭୁବନେଶ୍ୱର, ୧୩।୨(ସମିସ): ଅତ୍ୟଧିକ ମୋବାଇଲ୍ ବ୍ୟବହାର ଦ୍ୱାରା ମସ୍ତିଷ୍କ ପ୍ରଦୂଷଣ ହେଉଛି। କମ୍ପ୍ୟୁଟର, ଟିଭି ଏବଂ ମୋବାଇଲ୍ ଟାୱାର ଦ୍ୱାରା ଖୁବ୍ କମ୍ ବୟସ୍କ ଲୋକମାନଙ୍କ ମଧ୍ୟରେ ହୃଦ୍‌ରୋଗ ବଢୁଛି ବୋଲି ବିଶିଷ୍ଟ ନ୍ୟୁରୋ ସର୍ଜନ ତଥା ଏମ୍‌ସର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡା. ଅଶୋକ ମହାପାତ୍ର କହିଛନ୍ତି। ଗୁରୁବାର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍ ଆଣ୍ଡ କେୟାର (ଆଇଆଇଇସି) ତରଫରୁ ବିଶ୍ୱ ରେଡିଓ ଦିବସ ପରିପ୍ରେକ୍ଷୀରେ କମ୍ୟୁନିଟି ରେଡିଓ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ 'ସତତ ସହର' କାର୍ଯ୍ୟକ୍ରମରେ ଯୋଗଦେଇ ଡା. ମହାପାତ୍ର କହିଛନ୍ତି ଯେ ସହରାଞ୍ଚଳରେ ପାନୀୟ ଜଳଯୋଗାଣର ମାନ ଠିକ୍ ହେଉନାହିଁ। ଏହାଦ୍ୱାରା ବିଭିନ୍ନ ରୋଗ ସୃଷ୍ଟି ହେଉଛି। ତେଣୁ ଜଳ ବିଶୋଧନ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯିବା ଦରକାର। ଆଇଆଇଇସିର ଅଧ୍ୟକ୍ଷ କରୁଣାକର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସ୍ଥାର ନିର୍ଦ୍ଦେଶକ ଡ. ଶିଶିର କୁମାର ଦାସ କାର୍ଯ୍ୟକ୍ରମ ଜରିଆରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରୋକିବାକୁ ଯୁବ ବର୍ଗଙ୍କ ନେତୃତ୍ୱରେ ଗୋଷ୍ଠୀସ୍ତରରେ 'କ୍ଲାଇମେଟ୍ ଆକ୍ସନ୍ ଟିମ୍' ଗଠନ ଏବଂ ଗୋଷ୍ଠୀସ୍ତରୀୟ ସମ୍ବଳ କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ମତବ୍ୟକ୍ତ କରିଥିଲେ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାଷାବିତ୍ ଡ. ଅସିତ୍ ମହାନ୍ତି, ରେଡିଓ ହିରାଖଣ୍ଡର ନିର୍ଦ୍ଦେଶକ ଡ. ବିକାଶ ମହାପାତ୍ର, ଶିକ୍ଷାବିତ୍ ଡ. ମାଧବ ଚନ୍ଦ୍ର ମିଶ୍ର, ପରିବେଶବିତ୍ ଡ. ବିଜୟ କୁମାର ନନ୍ଦ ଏବଂ ପରବର୍ତ୍ତୀ ତିନିଟି ଟେକ୍ନିକାଲ ସେସନ୍‌ରେ ଏକାଧିକ ଅତିଥି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ଡା. ଅଶୋକ ମହାପାତ୍ରଙ୍କୁ ସୁରଭି ଗୌରବ, କାମାକ୍ଷା ପ୍ରସାଦ ଦାସଙ୍କୁ ସୁରଭି ରତ୍ନ, ନୀଳିମା ଦାସଙ୍କୁ ସୁରଭି ମୋତି, ସୁଚିସ୍ମିତା ଦାସଙ୍କୁ ସୁରଭି ସ୍ୱର, ପ୍ରଫୁଲ୍ଲ ରାଉତଙ୍କୁ ସୁରଭି ରେଡିଓ ବନ୍ଧୁ, ବଂଶୀଧର ସାହାଣୀଙ୍କୁ ସୁରଭି ସେବା ସମ୍ମାନ, ଉଭୟ ରେଡିଓ ବାଘାଯତୀନ୍ ଓ ରେଡିଓ ସ୍ୱର ସଙ୍ଗମ୍‌କୁ ସୁରଭି ପ୍ରଜ୍ଞା ସମ୍ମାନ ପ୍ରଦାନ କରାଯାଇଥିଲା।

# ଦିନ ସରୁଛି, ଲଢ଼େଇ ଜମୁଛି



ଭୁବନେଶ୍ୱର, ୧୩।୨(ସମିସ): ରାଜଧାନୀରେ ଜମୁଛି ଖଣ୍ଡଗିରି ଯାତ୍ରା ମହାକୁମ୍ଭ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ଅଣ୍ଟା ଭିଡ଼ିଛନ୍ତି ଅପେରା ପାର୍ଟି। କେଉଁଠି ରାମାୟଣ ପ୍ରଦର୍ଶନ ହେଉଛି ତ ଆଉ କେଉଁଠି ଷ୍ଟେଜ୍ ବ୍ଲାଷ୍ଟିଂ ଆଇଟମ୍ ଡ୍ୟାନ୍ସ। ରେକର୍ଡ ଡ୍ୟାନ୍ସକୁ ଦମ୍‌ଦାର କରିବା ପାଇଁ ନୃତ୍ୟ ସଂଯୋଜକ ଏହିଭଳି ନୂଆ କଥା ସବୁ ଖଞ୍ଜିଛନ୍ତି। ଖଣ୍ଡଗିରି ଯାତ୍ରା ମହାକୁମ୍ଭ ଅଷ୍ଟମ ରାତିରେ ପହଞ୍ଚିଥିବାବେଳେ ୬ଟି ଅପେରା ପାର୍ଟି ଏକକାଳୀନ ନାଟକ ପରିବେଷଣ କରୁଛନ୍ତି। ଯାତ୍ରା ମହାକୁମ୍ଭ ଯେତିକି ସରି ସରି ଆସୁଛି ଦର୍ଶକଙ୍କ ଭିଡ଼ ଓ ଲଢ଼େଇ ସେତିକି ଜମିବାରେ ଲାଗିଛି। ସମସ୍ତ ପାର୍ଟିର କଳାକାର ପରସ୍ପରକୁ ମାତ୍ ଦେବାକୁ ସଜବାଜ ହୋଇ ମଇଦାନକୁ ଓହ୍ଲାଇଛନ୍ତି। ଦର୍ଶକଙ୍କ ଆଗ୍ରହ ଓ ମନୋରଞ୍ଜନକୁ ଆଖି ଆଗରେ ରଖି ସବୁ ପାର୍ଟି ନାଟକ ରିପିଟ୍ କରିଛନ୍ତି। ଏଥିସହ ଶୁକ୍ରବାରଠାରୁ ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ ମଇଦାନକୁ ଓହ୍ଲାଇବ। ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ ମଞ୍ଚରେ ତୁଳସୀ ଗଣନାଟ୍ୟ ତିନିଦିନ ଧରି ହାଉସ୍‌ଫୁଲ୍ ବେପାର କରିବା ପରେ ଚତୁର୍ଥ ରାତିରେ ମଧ୍ୟ ସେହି ନାଟକ ରିପିଟ୍ ହୋଇଛି। 'ଜହ୍ନ ରାତିର ଝଡ଼' ପରିବେଷଣ କରି ଦର୍ଶକଙ୍କୁ ଆକୃଷ୍ଟ କରିପାରିଛି। ଇନ୍ଦିରା ସାଂସ୍କୃତିକ ପରିଷଦ ମଞ୍ଚରେ ଅପେରା ସିଂହବାହିନୀର ଦ୍ୱିତୀୟ ରାତିରେ ମଧ୍ୟ ସମାନ ନାଟକ ଅନୁଷ୍ଠିତ ହୋଇଛି। 'ବଡ଼ ବେଦରଦୀ କଳାସାଆନ୍ତ' ନାଟକ ପରିବେଷଣ ହୋଇଛି। ଚର୍ଚ୍ଚିତ ଯୋଡ଼ି ଟିକି-କାହ୍ନା, ଅଜୁ-ଅପୁ ଓ କମେଡ଼ିରେ ଚଗନ, ଧଡ଼ିଆ ଓ କଣ୍ଢେଇଙ୍କ ଅଭିନୟରେ ଜମୁଛି ପେଣ୍ଡାଲ। ମା' ମଙ୍ଗଳା ପେଣ୍ଡାଲରେ ଅପେରା ସ୍ୱର୍ଣ୍ଣମହଲ ଦ୍ୱିତୀୟ ରାତିରେ ମଧ୍ୟ 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି' ନାଟକ ପରିବେଷଣ କରିଛି। ସୁବାସ, ଭାବନା, ନବ ଘୋଷ, କମଲ୍, ମାନସୀ, ପିଙ୍କିଙ୍କ ଅଭିନୟ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ମଞ୍ଚ ନିକଟରେ ବାନ୍ଧି ରଖିଛି। ସନାତନ ସେବା ସମିତି ପେଣ୍ଡାଲରେ ନାଚୁଥିବା କୋଣାର୍କ ଗଣନାଟ୍ୟ ଦ୍ୱିତୀୟ ଦିନରେ ମଧ୍ୟ ବହି ବଦଳାଇ ନାହିଁ। 'ମୋ ହସରେ ତୁ ମୋ ଲୁହରେ ତୁ' ନାଟକ ପରିବେଷଣ କରିଛି। ରତି-ମିଟୁନା, ନଳିନୀ-ଜିତୁ, ମୁନା-ରୁପା, ଝରଣା-ସୁବାସ ଓ ଖଳନାୟକ ଦୈତାରୀ ପଣ୍ଡାଙ୍କ ଅଭିନୟ ବେଶ୍ ପ୍ରଶଂସା ସାଉଁଟିଛି।

ବାବା ନୀଳକଣ୍ଠେଶ୍ୱର ଯାତ୍ରା କମିଟି ପେଣ୍ଡାଲରେ ରଙ୍ଗମହଲ ଯାତ୍ରା ସେଇ ବହିକୁ ରିପିଟ୍ କରିଛି। ଦ୍ୱିତୀୟ ରଜନୀରେ 'ପାପ ଜାଣିନି କି ପୁଣ୍ୟ ଜାଣିନି' ନାଟକ ଦର୍ଶକଙ୍କୁ ଭେଟି ଦେଇଛି। ବାପି ପଣ୍ଡା, ବାସୁ, କୁନା-ରଞ୍ଜି, ମନ୍ଦାକିନୀ, ଅଞ୍ଜନା, ଦିପୁ, ଚଗୁଲୁ ଓ କମେଡ଼ିରେ ବୁଦ୍ଧିଆନା, ଗୁରୁ, ଜିନାଙ୍କ ଅଭିନୟ ହାସ୍ୟରୋଳ ସୃଷ୍ଟି କରିଛି। ସେହିଭଳି ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ସ୍ୱପ୍ନମହଲ ପୁଣି 'ଜବାବ୍ ମାଗୁଛି ଉଦଣ୍ଡୀ ସୀତା' ନାଟକ ପରିବେଷଣ କରିଛି। ମୁନା-ନମିତା, ଶୁଭେନ୍ଦୁ-ଟିକିନାଙ୍କ ଅଭିନୟ ସାଙ୍ଗକୁ ନରି ପଣ୍ଡା, ସାନମଣିଙ୍କ ଅଭିନୟ ଦର୍ଶକଙ୍କୁ ରାତି ଅନିଦ୍ରା ହେବାକୁ ବାଧ୍ୟ କରିଛି। ସେପଟେ ଶୁକ୍ରବାରଠାରୁ କଳିଙ୍ଗ ସାଂସ୍କୃତିକ ପରିଷଦ ମଞ୍ଚରେ ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ ଖଣ୍ଡଗିରି ଯାତ୍ରା ମହାକୁମ୍ଭରେ ସାମିଲ୍ ହେବ। 'ବାଜିବ ଲୋ ସାହାନାଇ ତୋରି ପାଇଁ' ନାଟକକୁ ନେଇ ମଇଦାନକୁ ଓହ୍ଲାଇବ। ସୁରେଶ ପଣ୍ଡା, ହାପି କର, ମାମା, ପ୍ରିୟଙ୍କା ଓ ସତ୍ୟଙ୍କ ଅଭିନୟ ଦେଖିବାକୁ ପାଇବେ ଦର୍ଶକ।

**ଆଜିଠୁ କଳିଙ୍ଗର 'ସାହାନାଇ'**







# କର୍କଟ ଉପରେ ପ୍ରେମର ବିଜୟ





**ଉଦାହରଣ ପାଲଟିଛି ସ୍ୱାଗତିକା ଓ ଶୁଭ୍ରଜିତ୍‌ଙ୍କ ପ୍ରେମ କାହାଣୀ**

ଭୁବନେଶ୍ୱର, ୧୩।୨(ସମିସ): ପ୍ରେମ ହେଉଛି ଦୁଇ ଆତ୍ମାର ଶାଶ୍ୱତବନ୍ଧନ। କାମନା ଓ ବାସନାର କଳୁଷିତ ମାନସିକତାର ବହୁ ଊର୍ଦ୍ଧ୍ୱରେ ପ୍ରବହମାନ ଏକ ପବିତ୍ର ତଟିନୀ ହେଉଛି ପ୍ରେମ। ଏହି ତଟିନୀ କୂଳର ସମର୍ପଣ-ବୃକ୍ଷ ଡାଳରେ ବସିଥିବା ଦୁଇ ପକ୍ଷୀ ହେଉଛନ୍ତି ପ୍ରେମିକ-ପ୍ରେମିକା। ଯେଉଁଠି ଜଣେ ଅନ୍ୟର ସୁଖ-ଦୁଃଖ ଭିତରେ ନିଜକୁ ହଜାଇ ଦେବାର ଓ ଜଣେ ଅନ୍ୟ ଜଣକର ଲୁହକୁ ପିଇଦେବାର ସ୍ୱର୍ଗୀୟ ଆନନ୍ଦ ନିହିତ ଥାଏ। ପ୍ରେମ ସବୁବେଳେ ସତ୍ୟ। ଏହି ସତ୍ୟର ଦିବ୍ୟ ଅନୁଭବ ଆଗରେ ହାର ମାନିଯାଏ ଦୈହିକ ସୌନ୍ଦର୍ଯ୍ୟ। ଯାହାର ଉଦାହରଣ ହେଉଛି ସ୍ୱାଗତିକା ଓ ଶୁଭ୍ରଜିତ୍‌ଙ୍କ ପ୍ରେମ କାହାଣୀ। କର୍କଟ ଭଳି ବ୍ୟାଧିର ଏକମାତ୍ର ଅନ୍ତ ହେଉଛି ମୃତ୍ୟୁ। କର୍କଟ ପୀଡ଼ିତମାନେ ପରିବାର ଉପରେ ବୋଝ। ସେମାନେ ଭବିଷ୍ୟତକୁ ନେଇ ଦେଖିଥିବା ସ୍ୱପ୍ନ କେବେ ବାସ୍ତବତାର ରୂପ ନେଇପାରିବ ନାହିଁ। ପ୍ରେମ, ସମ୍ପର୍କ ଓ ସଂସାର ସେମାନଙ୍କ କପାଳରେ ଲେଖାନାହିଁ। ଏଭଳି ଅନେକ ଚିତ୍ର ଆଜି ବି ଦେଖିବାକୁ ମିଳୁଛି। ହେଲେ ଏସବୁରୁ ଊର୍ଦ୍ଧ୍ୱରେ ରହି କର୍କଟକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଥିଲେ ସ୍ୱାଗତିକା ଓ ଶୁଭ୍ରଜିତ୍। ପ୍ରଥମେ ବନ୍ଧୁତା, ପ୍ରେମ, ତା'ପରେ କ୍ୟାନ୍‌ସର ସହ ଲଢ଼େଇ ଏବଂ ଶେଷରେ ବିବାହ ବନ୍ଧନରେ ବାନ୍ଧି ହୋଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ଏହି ନିଆରା ପ୍ରେମୀଯୁଗଳ। ଆଜିର ସ୍ୱାର୍ଥପର ଦୁନିଆରେ ରକ୍ତର ସମ୍ପର୍କ ଦୂରେଇ ଯାଉଥିବାବେଳେ ସେମାନଙ୍କ ପ୍ରେମ ଆଗରେ ହାର ମାନିଛି କର୍କଟ ଭଳି ମାରାତ୍ମକ ବ୍ୟାଧି।

ରାଜଧାନୀର ଏକ ଲ' କଲେଜରୁ ପାଠପଢ଼ିଲା ବେଳୁ ଗଢ଼ି ଉଠିଥିଲା ଦୁହିଁଙ୍କ ପ୍ରେମ ସମ୍ପର୍କ। ପ୍ରଥମେ ବନ୍ଧୁତା ଏବଂ ପରେ ତାହା ପ୍ରେମର ରୂପ ନେଇଥିଲା। ଉଭୟ ଭବିଷ୍ୟତକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲେ। ସବୁକିଛି ଠିକ୍ ଚାଲିଥିବାବେଳେ ହଠାତ୍ ୨୦୧୭ରେ ସେମାନଙ୍କ ହସଖୁସିର ସମ୍ପର୍କ ଉପରେ ଦୁଃଖର ପାହାଡ଼ ଲଦି ହୋଇଯାଇଥିଲା। ସ୍ୱାଗତିକା 'ନାସୋଫ୍ୟାରନ୍‌ଜେଲ କ୍ୟାରକିନୋମା କ୍ୟାନ୍‌ସର'ରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ଯାହାକି ଉଭୟଙ୍କୁ ସ୍ତବ୍ଧ କରିବା ସହ ପରିବାର ବର୍ଗଙ୍କ ଆଖିରୁ ନିଦ ହଜାଇ ଦେଇଥିଲା। ଗୋଟେପଟେ କ୍ୟାନ୍‌ସର ଭୟ ସାଙ୍ଗକୁ ଶାରୀରିକ ପରିବର୍ତ୍ତନ ଓ ଅନ୍ୟପଟେ ଲୋକଙ୍କ ଟାହିଟାପରା ସ୍ୱାଗତିକାଙ୍କୁ ମାନସିକସ୍ତରରେ ଯନ୍ତ୍ରଣା ଦେଇଥିଲା। ଫଳରେ ଶୁଭ୍ରଜିତ୍‌ଙ୍କୁ ତାଙ୍କ ଜୀବନରୁ ଦୂରେଇ ଦେବାକୁ କହିଥିଲେ। ହେଲେ ପ୍ରେମର ମାନେ କେବଳ ସୁସ୍ଥ, ସୁନ୍ଦରତା ଓ ଯନ୍ତ୍ରଣାବିହୀନ ଜୀବନ ନୁହେଁ, ପ୍ରେମରେ ଜଣେ ଅନ୍ୟ ଜଣକୁ ଭଲ ପାଏ ବୋଲି କହିଥିଲେ ଶୁଭ୍ରଜିତ୍। ତାଙ୍କ ସଂଘର୍ଷମୟ ଯାତ୍ରାରେ ପ୍ରତି ମୁହୂର୍ତ୍ତରେ ପାଖେ ପାଖେ ରହି ସାହସ ଜୁଟାଇଥିଲେ ଶୁଭ୍ରଜିତ୍। କ୍ୟାନ୍‌ସର ନିଶ୍ଚିତ ହାରିବ, ତୁ ଭଲ ହୋଇଯିବୁ, ପୁଣି ଆମେ ପୂର୍ବଭଳି ହସଖୁସିରେ ସମୟ ବିତାଇବା, ଆମେ ଦେଖିଥିବା ସବୁ ସ୍ୱପ୍ନ ପୂରଣ କରିବା। ହାତରେ ହାତ ରଖି ପ୍ରତିଶ୍ରୁତିକୁ ଆହୁରି ମଜଭୁତ କରିଥିଲେ। ଯାହାକି ସ୍ୱାଗତିକାଙ୍କ ମନୋବଳକୁ ଦୃଢ଼ କରିବା ସହ ମାନସିକ ସ୍ତରରେ ସଶକ୍ତ କରିଥିଲା ଏବଂ କ୍ୟାନ୍‌ସର ସହ ଲଢ଼ିବାକୁ ଶକ୍ତି ଓ ସାହସ ଦେଇଥିଲା। ରେଡିଏସନ୍ ହେଉ ଅବା କେମୋ ନେବା ସମୟରେ ହସ୍ପିଟାଲ ବାରଣ୍ଡାରେ ସ୍ୱାଗତିକା ପରିବାରଙ୍କ ସହ ସେ ମଧ୍ୟ ବ୍ୟସ୍ତବିବ୍ରତ ହେଉଥିଲେ। ଏମିତିକି କେମୋ ଥେରାପି ପରେ ସ୍ୱାଗତିକା ଲଣ୍ଡା ହୋଇଯାଇଥିବାରୁ ତାଙ୍କୁ ମାନସିକ କ୍ଷେତ୍ରରେ କଷ୍ଟ ନ ହେବାକୁ ଶୁଭ୍ରଜିତ୍ ନିଜେ ମଧ୍ୟ ଲଣ୍ଡା ହୋଇଯାଇଥିଲେ। ଦୀର୍ଘ ୭ ବର୍ଷ ଧରି ତାଙ୍କର କଷ୍ଟ ଯନ୍ତ୍ରଣା ଜର୍ଜରିତ ଜୀବନର ଚଲାପଥରେ ପାଦ ସହ ପାଦ ମିଶାଇ ଚାଲିଥିଲେ ଶୁଭ୍ରଜିତ୍। ଉଭୟଙ୍କ ଆତ୍ମବିଶ୍ୱାସ ଓ ନିଃସ୍ୱାର୍ଥପର ପ୍ରେମର ଫଳସ୍ୱରୂପ ୨୦୨୪ରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଏନେଇ ସ୍ୱାଗତିକା କହିଛନ୍ତି ଯେ ପ୍ରତ୍ୟେକ ଝିଅଙ୍କୁ ଶୁଭ୍ରଜିତ୍‌ଙ୍କ ଭଳି ପ୍ରେମିକ ଓ ସ୍ୱାମୀ ମିଳନ୍ତୁ। ଯିଏ କି ମଣିଷର ମନକୁ ବୁଝିପାରିବ ଏବଂ ଜୀବନର କୌଣସି ପରିସ୍ଥିତିରେ ହାତ ଛାଡ଼ିବନି। ତାହା ହିଁ ପ୍ରେମର ପ୍ରକୃତ ପରିଭାଷା। ଏବେ ସ୍ୱାଗତିକା ବାପାଙ୍କ ବ୍ୟବସାୟ ସମ୍ଭାଳୁଥିବାବେଳେ ଶୁଭ୍ରଜିତ୍ କଟକ ହାଇକୋର୍ଟରେ ଓକିଲାତିକୁ ପେସା କରିଛନ୍ତି।

## ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ବିକ୍ଷୋଭ




ଭୁବନେଶ୍ୱର, ୧୩।୨(ସମିସ): ବସ୍ତିବାସୀଙ୍କ ଏକତାମଞ୍ଚ ପକ୍ଷରୁ ଗୁରୁବାର ବିଧାନସଭା ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସହରରୁ ଆସିଥିବା ଶତାଧିକ ମହିଳା ଓ ପୁରୁଷ ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ବାହାରି ବିଧାନସଭା ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସଭାରେ ମହାସଂଘର ସଭାପତି ସେଖ୍ ଅବ୍‌ଦୁଲ୍ଲା ସଭାପତିତ୍ୱ କରି ପୂର୍ବ ରାଜ୍ୟ ସରକାର ବସ୍ତି ଯୋଜନା ସମ୍ପର୍କରେ ଯେଉଁ ପ୍ରଚାର କରିଥିଲେ ତାହା କେବଳ ପ୍ରଚାରରେ ସୀମିତ ରହିଛି। ମାତ୍ର ୧୦ ପ୍ରତିଶତ ବସ୍ତିବାସିନ୍ଦା ଏହି ଯୋଜନାର ସୁଫଳ ପାଇପାରିଲେ ନାହିଁ ବୋଲି କହିଥିଲେ। ସମ୍ପାଦକ ଆଡ୍‌ଭୋକେଟ୍ ହେମେନ୍ଦ୍ର ସାମଲ ନୂତନ ସରକାରଙ୍କୁ ଅଭିନନ୍ଦନ ଜଣାଇବା ସହ ସଠିକ୍ ଭାବେ ବିଭିନ୍ନ ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ଘୋଷଣା କରିଥିବା ସମସ୍ତ ପରିବାରକୁ 'ପକ୍କାଘର' ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯାଉ ବୋଲି ମତ ଦେଇଥିଲେ। ବସ୍ତିବାସିନ୍ଦା ଏକତାମଞ୍ଚ ସଂଘ ପକ୍ଷରୁ ଏହି ବିକ୍ଷୋଭରେ ଅନ୍ନପୂର୍ଣ୍ଣା ସୋରେନ, ବିକ୍ରମ ସିଂ, ଖୁର୍ସିଦା ବେଗମ, ସବିତା ଭୂୟାଁ, କବିତା ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ। ଶେଷରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟର ନଗର ଉନ୍ନୟନ ମନ୍ତ୍ରୀଙ୍କୁ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ।

## କାରୁକଳାରେ ପ୍ରକୃତି ପ୍ରେମର ବାର୍ତ୍ତା

ଭୁବନେଶ୍ୱର, ୧୩।୨(ସମିସ): ପ୍ରେମ ଶାଶ୍ୱତ ଓ ଚିରନ୍ତନ। ପ୍ରେମର ନିଦର୍ଶନ କେବଳ ପାଶ୍ଚାତ୍ୟ ସଂସ୍କୃତିରେ ନୁହେଁ ବରଂ ଭାରତୀୟ ସଂସ୍କୃତିରେ ଏହାର ଅଜସ୍ର ଉଦାହରଣ ରହିଛି। ଆଜି ଦିନଟିରେ ଯୁବ ସମାଜ ଅଧିକ ଚଳଚଞ୍ଚଳ ଓ ଉତ୍ସାହିତ। ପ୍ରେମ ଦିବସରେ ପ୍ରେମ ସମ୍ଭାଷଣ ପାଇଁ କିଏ ଗୋଲାପ ଫୁଲ, ଗ୍ରୀଟିଂସ କାର୍ଡ ଓ ଉପହାର ଦିଆନିଆ କରିଥାଏ ତ ଆଉ କେହି ବିଭିନ୍ନ ସାମାଜିକ କାର୍ଯ୍ୟ କରି ଭଲ ପାଇବାର ବାର୍ତ୍ତା ବାଣ୍ଟିଥାଏ। ହେଲେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ କାରୁକଳାରେ ସାରା ବିଶ୍ୱକୁ ପ୍ରକୃତିପ୍ରେମର ବଳିଷ୍ଠ ବାର୍ତ୍ତା ଦେଇଛନ୍ତି। ସୁପର କ୍ଲେ'କୁ ବ୍ୟବହାର କରି ହୃଦୟ ରୂପକ ବୃକ୍ଷ (ଲଭ୍ ଟ୍ରି) ତିଆରି କରିଛନ୍ତି। ଆସ ଆମେ ପ୍ରକୃତିକୁ ଭଲ ପାଇବା। ପ୍ରକୃତି ବଞ୍ଚିଲେ, ସଭିଏଁ ବଞ୍ଚିବା, ପ୍ରେମ ବି ବଞ୍ଚିବ ବୋଲି ଶାନ୍ତନୁ ସଚେତନତା ବାର୍ତ୍ତା ଦେଇଛନ୍ତି।



ଭୁବନେଶ୍ୱର ଜୟଦେବ ବାଟିକାରେ ୟୁନିଟ୍-୧ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ୧୯୮୨ ବ୍ୟାଚ୍ ଛାତ୍ରଙ୍କ ବୈଠକ

## ରାଜଧାନୀ ରାସ୍ତାରେ ସୈନ୍ଧବ ଲୁଣ ପାଇଁ ଭିଡ଼



ଭୁବନେଶ୍ୱର, ୧୩।୨(ସମିସ): ରାଜଧାନୀ ରାସ୍ତାକଡ଼ରେ ବିକ୍ରି ହେଉଛି ସୈନ୍ଧବ ଲୁଣ ବା ରକ୍ ସଲ୍‌ଟ। ପ୍ରଥମ ଥର ପାଇଁ ଭୁବନେଶ୍ୱର ରାସ୍ତାକଡ଼ରେ ଏହି ଲୁଣ ଦେଖିବାକୁ ମଧ୍ୟ ଲୋକଙ୍କ ଭିଡ଼ ଜମୁଛି। ଏକ ଟାଟାଏସ୍ ଗାଡ଼ିରେ ଭର୍ତ୍ତି ହୋଇଥିବା ବଡ଼ ବଡ଼ ପଥର ଖଣ୍ଡକୁ ଦେଖିବା ସହ ଏହା ରକ୍ ସଲ୍‌ଟ ବୋଲି ଜାଣିବା ପରେ ବୋହି ନେଉଛନ୍ତି ଲୋକେ। ଏହା କିଲୋ ପିଛା ୧୦୦ ଟଙ୍କାରେ ବିକ୍ରି ହେଉଛି। କିଏ ୧୦ କିଲୋ ତ ଆଉ କିଏ ୨୫ କିଲୋ ଅଖାରେ ଭର୍ତ୍ତି କରି ନେଉଛନ୍ତି। ଏହି ସୈନ୍ଧବ ଲୁଣ ପ୍ରତିଦିନ ରୋଷେଇ କରୁଥିବା ଖାଦ୍ୟରେ ମିଶାଯାଇଥାଏ। ଏହା ସହିତ ବ୍ରତ, ଉପବାସ, ବ୍ଲଡ୍ ପ୍ରେସର୍, ସୁଗର, ପଥରୀ, ଆଣ୍ଠୁଗଣ୍ଠି ବ୍ୟଥା ଆଦି ରୋଗ ପାଇଁ ମଧ୍ୟ ଏହି ଲୁଣ ବେଶ୍ ଉପଯୋଗୀ ହୋଇଥାଏ। ସେହିପରି ଚର୍ମ ରୋଗ ଦୂରୀକରଣ ପାଇଁ ମଧ୍ୟ ଅନେକ ବ୍ୟବହାର କରିଥା'ନ୍ତି। ବିଶେଷକରି ଆଇସ୍‌କ୍ରିମ୍ ତିଆରିରେ ଏହା ବ୍ୟବହାର ହେଉଥିବା ସହ ଜଳର ମଧୁରତା, ବିଭିନ୍ନ ପ୍ରକାର ରସାୟନିକ ଦ୍ରବ୍ୟ ତିଆରି କରିବାରେ ବ୍ୟବହାର ହୋଇଥାଏ। ଏହି ସୈନ୍ଧବ ପଥର ଖଣ୍ଡ ଶୀତ ଋତୁରେ ବିକ୍ରି ହୋଇଥାଏ। ଏହା ବିଶେଷକରି ପାକିସ୍ତାନର ଲାହୋର, ଇଜିପ୍ଟ, ଚାଇନା ଏବଂ ଆମେରିକାରୁ ଆମଦାନୀ କରାଯାଉଥିବା ନେଇ ବ୍ୟବସାୟୀମାନେ କହିଛନ୍ତି। ଏହାସହିତ ସେମାନଙ୍କ ନିକଟରେ କଳା ଲୁଣ ବା ବ୍ଲାକ୍ ସଲ୍‌ଟର ପଥର ଖଣ୍ଡ ମଧ୍ୟ ରହିଛି।

## ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୧୩।୨(ସମିସ): ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ସଂଘର ଭୁବନେଶ୍ୱର ମହାନଗର ନିଗମ ଓ ମଣ୍ଡଳସ୍ତରୀୟ ସାଂଗଠନିକ ବୈଠକ ଜୟଦେବ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଂଘର ରାଜ୍ୟ ସଂଗଠନ ସମ୍ପାଦକ ଡ. ନିରଞ୍ଜନ ମହାନ୍ତି ଯୋଗଦେଇ ସଂଘର ଆଦର୍ଶ, ବିଚାର ଓ କାର୍ଯ୍ୟ ପଦ୍ଧତି ଉପରେ ଆଲୋକପାତପୂର୍ବକ କାର୍ଯ୍ୟକାରିଣୀ ସମିତି ସଦସ୍ୟ ଚୟନ କରିଥିଲେ। ସଭାପତି ଭାବେ ରଣଜିତ୍ କୁମାର ସ୍ୱାଇଁ, ଉପସଭାପତି ମୃତ୍ୟୁଞ୍ଜୟ ମହାପାତ୍ର, ରତ୍ନମଞ୍ଜରୀ ଦାସ, କ୍ଷିତିଶ ମହାପାତ୍ର, ସାଧାରଣ ସମ୍ପାଦକ ଉମାକାନ୍ତ ବଡ଼ଜେନା, ସମ୍ପାଦକ ଭାଗିରଥୀ ପ୍ରଧାନ, ଯୁଗ୍ମ ସମ୍ପାଦକ ଅରକ୍ଷିତ ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ବୈଦ୍ୟନାଥ ନାୟକଙ୍କ ନାମ ଘୋଷଣା ହୋଇଥିଲା। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ସଭାପତି ଗଙ୍ଗାଧର ଦାଶ ଯୋଗଦେଇ ସଂଘର ପରବର୍ତ୍ତୀ କାର୍ଯ୍ୟ ପଦ୍ଧତି ଉପରେ ସୂଚନା ଦେଇଥିଲେ। ଏହି ସଭାରେ ପ୍ରସନ୍ନ ରାଉତ, ତପନ ମେକାପ, ନରହରି ନନ୍ଦ ପ୍ରମୁଖ ସହଯୋଗ କରିଥିଲେ ଏବଂ ସୁବାସ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

## ୧୬ରେ ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ

ଭୁବନେଶ୍ୱର, ୧୩।୨(ସମିସ): ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୭ତମ ଜନ୍ମ ମହୋତ୍ସବ ଏବଂ ସତ୍‌ସଙ୍ଗ ବିହାର ଭୁବନେଶ୍ୱରର ୩୦ତମ ଶ୍ରୀବିଗ୍ରହ ପ୍ରତିଷ୍ଠା ଦିବସ ଆସନ୍ତା ୧୬ ତାରିଖରେ ସ୍ଥାନୀୟ ଜନତା ମଇଦାନରେ ପାଳିତ ହେବ। ଦିବସଭରି ସମସ୍ତଙ୍କ ପାଇଁ ପ୍ରସାଦସେବନ, ସତ୍‌ସଙ୍ଗ, ଭଜନକୀର୍ତ୍ତନ, ଆଲୋଚନାଚକ୍ର, ସ୍ୱାସ୍ଥ୍ୟ ଶିବିର, ସଂକୀର୍ତ୍ତନ ମଣ୍ଡଳୀ ସହିତ ନଗର ପରିକ୍ରମା ଆଦି ଅନୁଷ୍ଠିତ ହେବ। ଏହା ସହିତ ରାଜ୍ୟରୁ ଆସିଥିବା ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବାର ଯୋଜନା ରହିଛି। ଏହି ପବିତ୍ର ମହୋତ୍ସବରେ ବହୁ ସଂଖ୍ୟାରେ ଜନସାଧାରଣ ଭାଗ ନେବା ପାଇଁ ଉତ୍ସବ କମିଟି ପକ୍ଷରୁ ଆବେଦନ କରାଯାଇଛି।

## କାନାରା ବ୍ୟାଙ୍କର ସିଏସ୍‌ଆର୍ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୧୩।୨ (ସମିସ): କାନାରା ବ୍ୟାଙ୍କ, ଭୁବନେଶ୍ୱର ମଣ୍ଡଳ ତରଫରୁ ବ୍ୟାଙ୍କର ସିଏସ୍‌ଆର୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଆଇଆଇଟି ଭୁବନେଶ୍ୱରର ୧୭ତମ ପ୍ରତିଷ୍ଠା ଦିବସ ଅବସରରେ ଏହି ଅନୁଷ୍ଠାନକୁ ଏକ ୮ ସିଟ୍ ବିଶିଷ୍ଟ ଇଭି ଗାଡ଼ି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ତଥା ମହାପ୍ରବନ୍ଧକ ଜଗଦୀଶ ଚନ୍ଦର ଏବଂ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀପଦ କର୍ମଲ୍‌କର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀ କର୍ମଲ୍‌କର କାନାରା ବ୍ୟାଙ୍କର ଏହି ଅବଦାନ ପାଇଁ ପ୍ରଶଂସା କରିବା ସହ ଏହା କ୍ୟାମ୍ପସ୍‌ର ସ୍ଥାୟିତ୍ୱକୁ ବଜାୟ ରଖିବାରେ ସାହାଯ୍ୟ କରିବ ବୋଲି କହିଥିଲେ। ଏହି ଅବସରରେ ସହାୟକ ମହାପ୍ରବନ୍ଧକ ରିତା ଦାସ, ଶାଖା ପ୍ରବନ୍ଧକ ରାଜେଶ ରୋଶନ ଦାସ, ଆଇଆଇଟି ଭୁବନେଶ୍ୱର ଡିନ୍ ବାମଦେବ ଆଚାର୍ଯ୍ୟ, ମିହିର ପଣ୍ଡିତ ପ୍ରମୁଖ ଉପସ୍ଥିତ ଥିଲେ।




୫ ଦଫା ଦାବିରେ ଗ୍ରାମ୍ୟ ସମ୍ବଳ କର୍ମୀଙ୍କ ବିକ୍ଷୋଭ

## ବର୍ଣ୍ଣାଳୀ ହୋତାଙ୍କୁ 'ଉପେନ୍ଦ୍ର କୁମାର ପାହାଡ଼ସିଂହ ମେମୋରିଆଲ ଆୱାର୍ଡ'



# ଅନ୍ତର୍ଜାତୀୟ ରେଡିଓ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର, ୧୩।୨(ସମିସ): ଏସିଆ ମହାଦେଶର ଏକମାତ୍ର ରେଡିଓ ମେଳା 'ଏକାଦଶ ଆଉଟ୍‌ରିଚ୍ ଅନ୍ତର୍ଜାତୀୟ ରେଡିଓ ମେଳା' ଗୁରୁବାର ଭଞ୍ଜକଳା ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସିବିସି ଓ ପିଆଇବି ଏଡିଜି ଅଖିଳ କୁମାର ମିଶ୍ର, ବିଶିଷ୍ଟ ରେଡିଓ ବ୍ୟକ୍ତିତ୍ୱ ଉପେନ୍ଦ୍ର ପାହାଡ଼ସିଂହଙ୍କ ପତ୍ନୀ ବିଜୟଲକ୍ଷ୍ମୀ ପାହାଡ଼ସିଂହ, ଆଉଟ୍‌ରିଚ୍‌ର ମୁଖ୍ୟ ସୁବ୍ରତ କୁମାର ପତି ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଲୋକପ୍ରିୟ କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତାଙ୍କୁ 'ଉପେନ୍ଦ୍ର କୁମାର ପାହାଡ଼ସିଂହ ମେମୋରିଆଲ ଆୱାର୍ଡ' ପ୍ରଦାନ କରାଯାଇଛି। ଏହାସହ ଆକାଶବାଣୀର ଅବସରପ୍ରାପ୍ତ ପ୍ରୋଗ୍ରାମ ଏକ୍‌ଜିକ୍ୟୁଟିଭ୍ ଅଭୟ ଦାସଙ୍କୁ 'ନଦିଆ ବିହାରୀ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଛି। ସେହିପରି କେନ୍ଦୁଝରର ରେଡିଓ ଜୁହାରକୁ ଜନ ସେବାରେ ରେଡିଓର ସର୍ବୋତ୍କୃଷ୍ଟ ବ୍ୟବହାର ପାଇଁ ସମ୍ମାନିତ କରାଯିବା ସହ ପ୍ରସାରଣ କ୍ଷେତ୍ରରେ ଉତ୍କର୍ଷତା ପାଇଁ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନକୁ ସମ୍ମାନିତ କରାଯାଇଛି। ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ମେଳାରେ ଦେଶର ଅନେକ ରେଡିଓ ପ୍ରସାରକ ଓ ଷ୍ଟେସନ ଯୋଗଦେବା ସହ ୩ହଜାରରୁ ଊର୍ଦ୍ଧ୍ୱ ପୁରୁଣା ରେଡିଓ, ପ୍ରସାରଣ ସାମଗ୍ରୀ, ହାମ୍ ରେଡିଓ ଏବଂ ଗ୍ରାମ୍‌ଫୋନ୍ ପ୍ରଦର୍ଶିତ ହୋଇଛି। ସେହିପରି ରାଜ୍ୟର ଅନେକ କମ୍ୟୁନିଟି ରେଡିଓ ଷ୍ଟେସନ୍ ସାଙ୍ଗକୁ ନେପାଳ କମ୍ୟୁନିଟି ରେଡିଓ ପ୍ରସାରକ ସଙ୍ଘର ସଭାପତି ଅର୍ଜୁନ ଗିରି, କାଲିନ୍‌ଚୋକ୍ ଏଫ୍‌ଏମ୍‌ର ଜୀବନ ଲାମା, ହଜୁରକୋ ରେଡିଓର ଦୀପକ କୁମାର ଘିମିରେ ଏବଂ ତମାକୋଶୀ ଏଫ୍‌ଏମ୍‌ର ସରୋଜରାଜ ସୁବେଦୀ, ରେଡିଓ ନେପାଳର ପ୍ରଦୀପ କାଫଲେ ସାମିଲ ହୋଇଛନ୍ତି। ଏହାସହ ବୋଲଗଡ଼ର ଅକ୍ଷୟ ପଟ୍ଟନାୟକ ଏବଂ ଭୁବନେଶ୍ୱରର ରାଜେନ୍ଦ୍ର ସାହୁ ରେଡିଓ ସଂଗ୍ରାହକ ଭାବେ ଯୋଗଦେଇଛନ୍ତି। ଏହି ଅବସରରେ ବାର୍ଷିକ ମାଗାଜିନ୍ 'ବେତାର ବାଣୀ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସନ୍ଧ୍ୟାରେ ସଂସ୍କୃତି ବିଭାଗ ସହାୟତାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମେଳାର ପ୍ରଥମ ଦିନରେ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ବାଦ ପଠନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ପ୍ରତିବର୍ଷ ଫେବୃଆରୀ ୧୩ ତାରିଖ ବିଶ୍ୱ ରେଡିଓ ଦିବସକୁ ସ୍ମରଣୀୟ କରିବା ପାଇଁ ଆଉଟ୍‌ରିଚ୍ ପକ୍ଷରୁ ଏହି ମେଳା ଆୟୋଜିତ ହୋଇଥାଏ।

## ସୋଆ କମ୍ୟୁନିଟି ରେଡିଓ ପକ୍ଷରୁ ବିଶ୍ୱ ରେଡିଓ ଦିବସ



ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଭଏସ୍ ଅଫ୍ ସୋଆ କମ୍ୟୁନିଟି ରେଡିଓ ୯୦.୪ ପକ୍ଷରୁ ଗୁରୁବାର ବିଶ୍ୱ ରେଡିଓ ଦିବସ ପାଳିତ ହୋଇଯାଇଛି। ବିଶ୍ୱ ରେଡିଓ ଦିବସର ଚଳିତ ବର୍ଷର ପ୍ରସଙ୍ଗ ରହିଛି 'ରେଡିଓ ଏବଂ ଜଳବାୟୁ ପରିବର୍ତ୍ତନ'। କମ୍ୟୁନିଟି ରେଡିଓର ସଦସ୍ୟ, ଛାତ୍ରଛାତ୍ରୀ ଏବଂ ସୋଆର ଫ୍ୟାକଲ୍ଟିମାନେ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇ ରେଡିଓ ଦିବସରେ ଆମେ କେବଳ ରେଡିଓର ଅତୀତ ଏବଂ ବର୍ତ୍ତମାନ ନୁହେଁ ମାତ୍ର ଭବିଷ୍ୟତରେ ଓ ଡିଜିଟାଲ୍ ଯୁଗରେ ଯୁବ ସମ୍ପ୍ରଦାୟ ରେଡିଓ ସହିତ କିପରି ଯୋଡ଼ି ହୋଇ ରହିପାରିବେ ସେଥିପାଇଁ ଆମର ପ୍ରୟାସ ରହିବ ବୋଲି ସୋଆ କମ୍ୟୁନିଟି ରେଡିଓର ଅଫିସର ଇନ୍‌ଚାର୍ଜ ହନି ପଟ୍ଟନାୟକ କହିଛନ୍ତି।

## ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରେଡିଓ ଏକମାତ୍ର ଭରସା



**ରେଡିଓ ମେଳାରେ ଓଏସ୍‌ଡିଏମ୍‌ର ସ୍ୱତନ୍ତ୍ର ଷ୍ଟଲ୍**

ରେଡିଓର ବିକଳ୍ପ ନାହିଁ। କାରଣ ବର୍ଷା, ଝଡ଼, ବାତ୍ୟା, ବନ୍ୟା ସମୟରେ ଯେତେବେଳେ ବ୍ୟାଟେରି ଶେଷ ହୋଇଯାଏ ଏବଂ ନେଟ୍‌ୱର୍କ ଅକାମି ହୋଇଯାଏ, ସେହି ସମୟରେ ରେଡିଓ ହିଁ ଏକମାତ୍ର ଭରସା ସାଜିଥାଏ। ପୂର୍ବରୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରେଡିଓ ଏକମାତ୍ର ସୂଚନା ପ୍ରଦାନକାରୀ ମାଧ୍ୟମ ହୋଇଥିଲା, ଆଗକୁ ମଧ୍ୟ ରେଡିଓ ତା'ର ସ୍ୱତନ୍ତ୍ରତା ବଜାୟ ରଖିବ। ୬ଜି ଯୁଗରେ ବି ରେଡିଓର ସ୍ୱାତନ୍ତ୍ର୍ୟତା ପୂର୍ବଭଳି ରହିଛି ବୋଲି ଓଏସ୍‌ଡିଏମ୍ ଏବଂ ଓଡ଼ିଶା ହାମ୍‌ର ମିଳିତ ସହଯୋଗରେ ଆଉଟ୍‌ରିଚ୍ ନବମ ଅନ୍ତର୍ଜାତୀୟ ରେଡିଓ ମେଳାରେ ଖୋଲାଯାଇଥିବା ଷ୍ଟଲ୍‌ରେ ରେଡିଓ ସମ୍ପର୍କରେ ଏଭଳି ଅନେକ କଥା ଶୁଣିବାକୁ ମିଳିଥିଲା। ରେଡିଓ ମାଧ୍ୟମରେ କିଭଳି ଲ' ଆଣ୍ଡ ଅର୍ଡର, ଦୈନନ୍ଦିନ ଜୀବନ, ଟ୍ରାଫିକ୍ ମ୍ୟାନେଜ୍‌ମେଣ୍ଟ ଆଦିକୁ ପରିଚାଳନା କରାଯାଇଥାଏ, ତାହାକୁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷମାନେ ଭ୍ରମଣକାରୀଙ୍କୁ ବୁଝାଇଥିଲେ। ଏହା ଏକ ସାଟେଲାଇଟ୍ କମ୍ୟୁନିକେସନ୍। ସାମୁଦ୍ରିକ ଝଡ଼ ଫନି ସମୟରେ କିଭଳି ଯୋଗାଯୋଗର ଏକମାତ୍ର ମାଧ୍ୟମ ପାଲଟିଥିଲା ତାହାକୁ ବୁଝାଇବା ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ, ହାମ୍ ରେଡିଓ, ଭିଏଚ୍‌ଏଫ୍(ଭେରି ହାଏ ଫ୍ରିକ୍ୟୁଏନ୍ସି), ଡିଜିଟାଲ ମୋବାଇଲ କମ୍ୟୁନିକେସନ୍ ଆଦି ବ୍ୟବହାର ସମ୍ପର୍କରେ ଦର୍ଶକଙ୍କୁ ବୁଝାଉଛନ୍ତି।

